Weekly Multilingual

# ଭଏସ୍ ଅଫ୍ ଭିକ୍ଟିମ୍ସ

Voice of Victims

Pages-8 | ODIMUL00867 | Rs - 5.00

ଭାଗ:୧, ସଂଖ୍ୟା-୨୧, ଭୁବନେଶ୍ୱର, ୮ ରୁ ୧୪ ଏପ୍ରିଲ, ୨୦୨୪

Vol-1, Issue-21, Bhubaneswar, 8 to 14 April , 2024

FOR EXCLUSIVE WEDDING CARDS

Bandhan
ସୁ-ସମ୍ପର୍କ ଗଢେ

ବନ୍ଧନ
ସୁ-ସମ୍ପର୍କ ଗଢେ

ALL TYPES OF INVITATION CARDS

WE HAVE NO BRANCH
Ph:- 0674-2310196
Mob:- 8260685257

ଏଠାରେ ନିମନ୍ତ୍ରଣ କାର୍ଡ ମିଳେ

ଓଡିଆ ଅସ୍ମିତାର ଈର୍ଷଣୀୟ ପରିଚୟ, ସେବା ଓ ମମତାର ମୂର୍ତ୍ତିମନ୍ତ ପ୍ରତୀକ, ଦାରିଦ୍ର୍ୟ ଦେଖିଲେ ନିଜକୁ ଉତ୍ସର୍ଗ କରୁଥିବା ଜନତାର ବନ୍ଧୁ ଭାବରେ ଖ୍ୟାତ; ଏକାଧାରରେ ଶିକ୍ଷାବିତ୍, ସମାଜ ସଂସ୍କାରକ, ସାମ୍ବାଦିକ, ଆଇନଜୀବୀ ତଥା ନିଷ୍ଠାପର ସମାଜସେବୀ ଭାବରେ ଆମ ଓଡିଶାର ଇତିହାସ ତାଙ୍କୁ ଉତ୍କଳମଣି ଭାବରେ ମନେରଖିଛି। ପୁରୀ ଜିଲ୍ଲା ସୁଆଣ୍ଡୋ ଗ୍ରାମରେ ଜନ୍ମିତ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାଶ ନିଜର ସ୍ୱଳ୍ପ ଜୀବଦଶା ମଧ୍ୟରେ ଛାଡିଯାଇଛନ୍ତି ଅନେକ ଅବିସ୍ମରଣୀୟ କୀର୍ତ୍ତି। କାଳକାଳକୁ ତାଙ୍କୁ ସୁମରି ଓଡିଶାର ଅସ୍ମିତା ମହିମାମଣ୍ଡିତ ହେଇଛି, ଆଉ ଭବିଷ୍ୟତ ପିଢି ପାଇଁ ପ୍ରେରଣାଦାୟୀ ଉପାଦାନ ସାଉଁଟିଛି। ଦେଶ, ଜାତି ଓ ସମାଜ ପାଇଁ ତାଙ୍କର ନୀତି ଓ ଆଦର୍ଶ ପଥ ପ୍ରଦର୍ଶକ ହୋଇଛି। କେବଳ ଗୁଣଗାନ କରିବା ଯଥେଷ୍ଟ ନୁହେଁ ବରଂ ତାଙ୍କର କିଞ୍ଚିତ୍ କାର୍ଯ୍ୟଧାରାକୁ ଆପଣେଇ ପାରିଲେ ସମଗ୍ର ଓଡିଶା ତଥା ଓଡିଆ ଜାତି ବିଶ୍ୱ ଦରବାର ରେ ନିଃସନ୍ଦେହ ତାର ହୃତ ଗୌରବ ଫେରିପାଇବ। ସତ୍ୟବାଦୀ ପରିକ୍ରମା ଆଳର ଏବେକାର ଓଡିଶାବାସୀଙ୍କୁ ଗୋପବନ୍ଧୁ ମନସ୍କ କରିବାର ସଂକଳ୍ପ ନେଇ ଭଏସ୍ ଅଫ୍ ଭିକ୍ଟିମ୍ସ ଟିମ୍‌ର ଏକ ବିଶେଷ ଉପସ୍ଥାପନା।

ତଥ୍ୟ ଓ ସହାୟତା ଦୁର୍ଗେଶ ମିଶ୍ର



# ସତ୍ୟବାଦୀ ପରିକ୍ରମା

## ସୁଆଣ୍ଡୋ ଷଠିଘର ରୁ ସତ୍ୟବାଦୀ ସମାଧିପୀଠ

ସତ୍ୟବାଦୀ (ଭିଓଭି): ସୁଆଣ୍ଡୋ ଗାଁରେ ଜନ୍ମିତ ଉତ୍କଳମଣି ଗୋପବନ୍ଧୁ ଦାଶଙ୍କ ଜୀବନ ଅନେକ ଘଟଣାବଳୀର ସମାହାର। ସେତେବେଳେ ଗମନାଗମନର ସୁବିଧା ନଥିବା, ବନ୍ୟାପ୍ଲାବିତ ଅଞ୍ଚଳ ରେ ଶୈଶବ କାଟି ଉଚ୍ଚଶିକ୍ଷିତ ହୋଇଥିବା ଗୋପବନ୍ଧୁ କାହାରି ଦୁଃଖ କଷ୍ଟ ସହି ପାରୁନଥିଲେ। ନିଜର ସାଧ୍ୟଠାରୁ ଆଗକୁ ଯାଇ ଅନ୍ୟକୁ ସାହାଯ୍ୟ କରୁଥିଲେ। ନିଜେ ନଖାଇ ଅନ୍ୟକୁ ଖୁଆଇବାର ସଂକଳ୍ପ ତାଙ୍କର ଜୀବନର



ଅନ୍ୟତମ ଆଦର୍ଶ ଥିଲା। ଜମିଦାର ମିଜାଜରୁ ଉର୍ଦ୍ଧ୍ୱରେ ରହି ଉତ୍ସର୍ଗୀକୃତ ଭାବରେ ପରୋପକାର କରିବାକୁ ସେ ସର୍ବଦା ଚାହୁଁଥିଲେ। ପିଲାମାନଙ୍କୁ ଉତ୍କୃଷ୍ଟ ଶିକ୍ଷା ବ୍ୟବସ୍ଥା ଦେବା ପାଇଁ ସୁଦୃଢ଼ ପ୍ରୟାସ, ଗମନାଗମନର ଉନ୍ନତି, ବନ୍ୟାବେଳେ ଲୋକଙ୍କୁ ସାହାଯ୍ୟ, ସମସ୍ତଙ୍କ ପାଇଁ ନିଜର ସାମର୍ଥ୍ୟ ଅନୁସାରେ ଆଇନଗତ ସାହାଯ୍ୟ, ପ୍ରାକ୍ ସ୍ୱାଧୀନତା ସଂଗ୍ରାମରେ ଝାସ ଦେବା, ଶୈକ୍ଷିକ ପରିବେଶ ସହିତ ବୌଦ୍ଧିକ ବାତାବରଣରେ ଶିକ୍ଷାଦାନ ବ୍ୟବସ୍ଥା କରିବା ସହିତ ନିଜେ ହାତରେ ଲେଖି ସମାଜ ଖବରକାଗଜ ବାହାର କରିବା ଇତ୍ୟାଦି ତାଙ୍କର ଜୀବନକାଳ ମଧ୍ୟରେ ସେ କରିଥିଲେ। ଏକାବନ ବର୍ଷ ବୟସରେ ଇହଧାମ ତ୍ୟାଗ କରିଥିଲେ ମଧ୍ୟ ଆଜିବି ତାଙ୍କର ନୀତି ଆଦର୍ଶ କଥା କହି ଯୁବପିଢି ନିଜକୁ ଧନ୍ୟ ମନେକରୁଛନ୍ତି।



କ୍ରମଶଃ... (ପୃଷ୍ଠା ୫ ଦେଖନ୍ତୁ)

୮ ରୁ ୧୪ ଏପ୍ରିଲ ୨୦୨୪

# ଭୋଟର ସଚେତନତା

୧୯୩୬ ମସିହା ଡିସେମ୍ବର ଶେଷ ସପ୍ତାହରେ ମହାରାଷ୍ଟ୍ରର ଫଇଜିପୁର ଠାରେ କଂଗ୍ରେସର ମହାଧିବେଶନ ଅନୁଷ୍ଠିତ ହୋଇଥିଲା। ୧୯୩୭ ମସିହା ଜୁନ୍ ମାସରେ ପ୍ରାଦେଶିକ ପ୍ରତିନିଧି ସଭା ପାଇଁ ହେବାକୁ ଥିବା ନିର୍ବାଚନ ପରିପ୍ରେକ୍ଷୀରେ ଏ ଅଧିବେଶନର ଗୁରୁତ୍ୱ ଥିଲା ବେଶୀ। ଏଥିରେ ଜନପ୍ରତିନିଧି ପ୍ରାର୍ଥୀ ଓ ଭୋଟରଙ୍କର କର୍ତ୍ତବ୍ୟ ଏବଂ ଗଣତାନ୍ତ୍ରିକ ନିର୍ବାଚନ ଉପରେ ବିଶେଷ ଆଲୋଚନା ହୋଇଥିଲା।

ପ୍ରଥମ ଦିନ ଆଲୋଚନାରେ ଭାଗ ନେଇ ଗାନ୍ଧୀଜୀ କହିଥିଲେ, 'ଆମେ ଆଉ କିଛି ଦିନ ପରେ ଭାରତର ଏକ ବୃହତ୍ ଗଣତାନ୍ତ୍ରିକ ନିର୍ବାଚନରେ ଭାଗ ନେବାକୁ ଯାଉଛେ। ଯଦିଓ ଏହା ସ୍ୱାଧୀନ ଭାରତର ନିର୍ବାଚନ ନୁହେଁ, ଏହା କିନ୍ତୁ ଆମ ପାଇଁ ତାତ୍ପର୍ଯ୍ୟ ରଖେ। ଅଧାଦେଶର ଶାସନ ବଦଳରେ ୧୯୩୫ ଭାରତ ଶାସନ ଆଇନ ଅନୁଯାୟୀ ପ୍ରତିନିଧିମୂଳକ ଶାସନ, ଏହାହିଁ ହେବ ଏକ ଉପଲବ୍ଧି। ଆମ ନୀତି ଅନୁସାରେ ପ୍ରତି ନିର୍ବାଚନ ଯେ ମୁକ୍ତ ଏବଂ କମ୍ ବ୍ୟୟବହୁଳ ହେଉ, ଆମେ ଚାହୁଁ। ଭାରତର ୩୫ କୋଟି ଜନସଂଖ୍ୟା ଭିତରୁ ସାଢ଼େ ତିନି କୋଟି ପୁରୁଷ ଓ ମହିଳା ଭୋଟ୍‌ଦାତା ଏଥିରେ ଭାଗ ନେବେ। ଏହି ଭୋଟରମାନେ ସେମାନଙ୍କ ବୁଦ୍ଧି ଓ ବିଚାରରେ ମାତ୍ର ପନ୍ଦର ଶହ ପ୍ରତିନିଧି ବାଛିବେ। ଏଗାରଟି ରାଜ୍ୟରେ ଏହି ନିର୍ବାଚନ ହେବ। ଜମି ମାଲିକ, ଘର ଟିକସ ଏବଂ ଆୟକର ଦେଉଥିବା ବ୍ୟକ୍ତି ହିଁ ଭୋଟର ଭାବେ ବଛାଯିବେ ଏବଂ ସମୁଦାୟ ସାବାଳକ ଜନସଂଖ୍ୟାର ଏମାନେ ମାତ୍ର ଏକ-ଷଷ୍ଠାଂଶ ହେବେ। ଏବଂ ଭୋଟରମାନେ ବାଛିଥିବା ଜନପ୍ରତିନିଧି ସେମାନଙ୍କ ସୀମିତ କ୍ଷମତା ଭିତରେ ଭାରତ ଶାସନ ପାଇଁ ବିଦ୍ଧିଗତ ନିଷ୍ପତ୍ତି ନେବେ। ଏ ନିଷ୍ପତ୍ତି ୩୫ କୋଟି ଭାରତୀୟଙ୍କର ବୋଲି ଧରିନିଆଯିବ। ପ୍ରକୃତରେ ଜନପ୍ରତିନିଧି ହେଉଛନ୍ତି ଜନତାର ସେବକ। ସାଧାରଣ ଜନତା ହେଉଛନ୍ତି ମାଲିକ। କିନ୍ତୁ ବିଡ଼ମ୍ବନା ହେଲା, ସାଧାରଣ ଜନତା ତାଙ୍କ ଭୋଟ୍‌ଦାତା ମାଧ୍ୟମରେ ଥରେ ପ୍ରତିନିଧି ବାଛିଦେଲା ପରେ ଆଉ ଯେ ତାଙ୍କର କିଛି କର୍ତ୍ତବ୍ୟ ଅଛି, ମନେ କରନ୍ତି ନାହିଁ। ଆସନ୍ତା ନିର୍ବାଚନ ପର୍ଯ୍ୟନ୍ତ ସେମାନେ ସମସ୍ତେ ଯେପରି ଗଭୀର ନିଦ୍ରାରେ ଶୋଇ ଯାଇଥାଆନ୍ତି। ନିର୍ବାଚିତ କରି କିଛି ଲୋକଙ୍କୁ କ୍ଷମତା ଦେଇଦେବା ସ୍ୱରାଜ ନୁହେଁ। କ୍ଷମତାର ଅପବ୍ୟବହାରକୁ ପ୍ରତିରୋଧ କରିବାର ସାମୂହିକ ଶକ୍ତି ହିଁ ସ୍ୱରାଜ, ଯାହା ଏବେ ପୂର୍ଣ୍ଣ ସ୍ୱରାଜର ମନ୍ତ୍ର।'

ଗାନ୍ଧୀଜୀଙ୍କ ପୂର୍ଣ୍ଣ ସ୍ୱରାଜର ଲକ୍ଷ୍ୟ ଦୁଇ ଭାଗରେ ବିଭକ୍ତ ଥିଲା: ରାଜନୈତିକ ସ୍ୱାଧୀନତା ଏବଂ ଅର୍ଥନୈତିକ ସ୍ୱାଧୀନତା। ରାଜନୈତିକ ସ୍ୱାଧୀନତା ନେଇ ଗାନ୍ଧୀଙ୍କ ବ୍ୟାଖ୍ୟା ଥିଲା, ସ୍ୱାଧୀନ ଭାରତରେ ହାସଲ ହେବାକୁ ଥିବା ଗଣତନ୍ତ୍ର ସାମ୍ୟବାଦୀ ରୁଷ୍, ନାଜି ଜର୍ମାନୀ କିମ୍ବା ଫାସିବାଦୀ ଇଟାଲୀ ଏପରିକି ବ୍ରିଟିଶ୍ ସଂସଦ ଦାବି କରୁଥିବା ଗଣତନ୍ତ୍ର ପରି ନ ହୋଇ ଭାରତୀୟଙ୍କ ସଂସ୍କୃତି ଓ ଚଳଣି ପ୍ରତି ଅନୁକୂଳ ହେବାପରି ଗଣତନ୍ତ୍ର ହେବ, ଏବଂ ସଂପତ୍ତିର ବିକେନ୍ଦ୍ରୀକରଣ ଓ ସମବଣ୍ଟନ ହିଁ ତାଙ୍କ ଅର୍ଥନୈତିକ ସ୍ୱାଧୀନତାର ମୂଳ ବିନ୍ଦୁ ଥିଲା।

୧୯୩୭ ଜାନୁଆରି ଓ ଜୁଲାଇର 'ହରିଜନ' ପତ୍ରିକାରେ ନିର୍ବାଚନ ଲଢୁଥିବା ପ୍ରାର୍ଥୀଙ୍କ ପାଇଁ ଏକ ଆଚରଣବିଧି ଏବଂ ଭୋଟରଙ୍କ ପାଇଁ ଏକ ପ୍ରଶ୍ନସୂଚୀ ନେଇ ଗାନ୍ଧୀଙ୍କର ଦୁଇଟି ପ୍ରବନ୍ଧ ପ୍ରକାଶ ପାଇଥିଲା।

ଏକ ସ୍ୱଚ୍ଛ ତଥା ନୀତିନିଷ୍ଠ ଗଣତାନ୍ତ୍ରିକ ପରଂପରା ସୃଷ୍ଟି ପାଇଁ ଗାନ୍ଧୀଜୀ ତାଙ୍କ ଲେଖାରେ ସାଧାରଣ ଭୋଟ୍‌ଦାତା, ମଧ୍ୟବିତ୍ତ ଭୋଟର ଏବଂ ଜନପ୍ରତିନିଧି ପ୍ରାର୍ଥୀମାନଙ୍କୁ କିଛି ପରାମର୍ଶ ଦେଇଥିଲେ। ସାଧାରଣ ଭୋଟରଙ୍କ ପାଇଁ ଗାନ୍ଧୀଙ୍କ ପରାମର୍ଶ ଥିଲା, 'ମୁଁ ଜଣେ ଭୋଟ୍‌ଦାତା ଭାବେ ଯେଉଁ ପ୍ରଶ୍ନ ମୋ ପ୍ରାର୍ଥୀଙ୍କୁ ପଚାରି ଥାଆନ୍ତି, ମୁଁ ଆଶା କରେ ଆପଣମାନେ ସେଇ ପ୍ରଶ୍ନ ପ୍ରାର୍ଥୀଙ୍କୁ ପଚାରିବେ ଏବଂ ପ୍ରତିଶ୍ରୁତି ଚାହିଁବେ। ପଚାରିବେ, ଅସ୍ପୃଶ୍ୟତା ଦୂରୀକରଣ, ଦଳିତଙ୍କ ମନ୍ଦିର ପ୍ରବେଶ, ନିଶା ନିବାରଣ ଏବଂ ସାଂପ୍ରଦାୟିକ ସଂହତି ନେଇ ପ୍ରାର୍ଥୀଙ୍କ ଆଭିମୁଖ୍ୟ କ'ଣ ? ଏବେ ବି ଅନେକ ଗାଁମାନଙ୍କରେ ଯେଉଁ ସାଧାରଣ ବ୍ୟବହୃତ କୂଅ, ପୋଖରୀ, ମଶାଣି ଇତ୍ୟାଦି ଦଳିତଙ୍କୁ ମନା ହେଉଛି, ମଦ ଟିକସରେ ଶିକ୍ଷାୟତନ ନିର୍ମାଣ ହେଉଛି ବୋଲି ଯେଉଁ ବାହାନା ଦିଆଯାଉଛି, ଇଏସବୁ କେବେ ବନ୍ଦ ହେବ, ପଚାରି ବୁଝିବେ।'

ଗାନ୍ଧୀଜୀଙ୍କ ଦ୍ୱିତୀୟ ପରାମର୍ଶ ଥିଲା ମଧ୍ୟବିତ୍ତ ବର୍ଗୀଙ୍କୁ। ଗାନ୍ଧୀ ସୂଚେଇ ଦେଇଥିଲେ, ଏକ ଉତ୍ତମ ଗଣତାନ୍ତ୍ରିକ ଧାରା ତିଆରି କରିବାରେ ମଧ୍ୟବିତ୍ତ ଶ୍ରେଣୀର ଭୂମିକା ଗୁରୁତ୍ୱପୂର୍ଣ୍ଣ। ଏମାନଙ୍କ ଉଦାସୀନତା ସମାଜ ପାଇଁ ଶୁଭଙ୍କର ନୁହେଁ। ବିଦେଶୀ କଂପାନି ଭାରତକୁ ବ୍ୟବସାୟ କରିବାକୁ ଆସିଲା ବେଳେ ଏଇ ଉଦାସୀନତା ସେବେ ଭାରତ ପାଇଁ ଅନୁକୂଳ ନ ଥିଲା। ଆଜି କିନ୍ତୁ ସ୍ୱରାଜ ସଂଗ୍ରାମରେ ମଧ୍ୟବିତ୍ତଙ୍କ ସକ୍ରିୟ ମୁଖରତା ସ୍ୱାଧୀନତା ଆନ୍ଦୋଳନକୁ ଏକ ନୂଆ ସକାରାତ୍ମକ ଦିଶା ଦେଇଛି।

**ଆପଣଙ୍କ ଅଭିଯୋଗ, ସମସ୍ୟା, ମତାମତ କୁ ପ୍ରମାଣ ସହ ପଠାନ୍ତୁ। ବିଶେଷ ପୃଷ୍ଠା ନିମନ୍ତେ ଆର୍ଟିକଲ(ଆଲେଖ୍ୟ) ବି ପଠାଇ ପାରିବେ।**

ମୋବାଇଲ (ହ୍ୱାଟସ୍‌ଆପ) : ୬୩୭୧୪୧୭୩୬୧
ଇମେଲ: voiceofvictimsnews@gmail.com
ମୁଖ୍ୟ ସମ୍ପାଦକ: କୈଳାସ ଚନ୍ଦ୍ର ଶତପଥୀ
ମୁଖ୍ୟ ପ୍ରତିନିଧି : ରଣଜିତ୍ ପଟ୍ଟନାୟକ

# ଚିନ୍ତାରେ ଯୁବବର୍ଗ ଓ ସଂକଟରେ ଶ୍ରମ ବିନିଯୋଗିତା !



## ପ୍ରଦୋଷ କୁମାର ଦାସ

ସଂପ୍ରତି ଜନ ସଙ୍ଖ୍ୟା ଦୃଷ୍ଟିରୁ ଆମ ଦେଶ ଭାରତ ଏବେ ବିଶ୍ୱର ସର୍ବାଧିକ ଜନସଙ୍ଖ୍ୟା ବିଶିଷ୍ଟ ଦେଶ ଚୀନକୁ ଅତିକ୍ରମ କରିବାକୁ ବସିଲାଣି। ଆବଶ୍ୟକତା ଅନୁଯାୟୀ ଲୋକଙ୍କ ପାଖରେ ନିଶ୍ଚିତ ରୋଜଗାର ଅର୍ଜନ ପାଇଁ ଚାକିରି ନାହିଁ। ଏଭଳି ସ୍ଥିତିରେ ବିଶ୍ୱ ଗୁରୁ ଭାରତ ବେକାରୀ ସମସ୍ୟାର ସମାଧାନ ପାଇଁ ଆବଶ୍ୟକ ପଦକ୍ଷେପ ନେବାକୁ ଆତ୍ମ ନିର୍ଭରଶୀଳ ଭାରତର ନବ ଉନ୍ମେଷ ପାଇଁ ତ୍ୱରିତ ଯୋଜନା ପ୍ରସ୍ତୁତ କରି ଏହାର ସଫଳ ରୂପାୟନ ସହିତ ଆବଶ୍ୟକ ପଦକ୍ଷେପ ନେବାକୁ ପଡିବ। ଏବେ ସାରା ଦେଶରେ କ୍ରମ୍ବର୍ଦ୍ଧିଷ୍ଣୁ ଶିକ୍ଷିତ ଯୁବ ବର୍ଗଙ୍କ ମାନବ ସମ୍ବଳକୁ ସରକାରୀ ସ୍ତରରେ ସଫଳ ବିନିଯୋଗ ପାଇଁ ଯୋଜନା ପ୍ରସ୍ତୁତ କରିବାକୁ ହେବ।

ଆମ ଦେଶ ଭାରତବର୍ଷରେ ଆବଶ୍ୟକ ତଥା ଉପଯୁକ୍ତ କର୍ମନିୟୋଜନ ସଙ୍କଟମୟ ପରିସ୍ଥିତିର ସମସ୍ୟାରେ ଯୁଝି ହୋଇ ବର୍ତ୍ତମାନ ଶିକ୍ଷିତ ଯୁବବର୍ଗଙ୍କର ବେକାରୀ ସମସ୍ୟା ବେଶ ସଂକଟଜନକ ପରିସ୍ଥିତି ମଧ୍ୟ ଦେଇ ଗତି କରୁଥିବା ସଭିଏଁ ଜାଣନ୍ତି। ଉଚ୍ଚ ଶିକ୍ଷା ପ୍ରାପ୍ତି ପରେ ଅଭିଳାଷିତ ଚାକିରୀ ଓ ତ୍ୱରିତ କର୍ମ ନିୟୋଜନ ସ୍ୱପ୍ନକୁ ଚରିତାର୍ଥ କରିବାକୁ ଅହର୍ନୀଶ ପ୍ରୟାସ କରୁଥିବା ପ୍ରାୟ ସମସ୍ତ ଶ୍ରେଣୀ ର ଶିକ୍ଷିତ ଓ ଅର୍ଦ୍ଧ ଶିକ୍ଷିତ ଯୁବ ବର୍ଗଙ୍କୁ ଏକ ପ୍ରକାର ହତୋତ୍ସାହିତ କରି ରଖିଛି। ଘରୋଇ ହେଉ ଅବା ସରକାରୀ ସ୍ତରରେ ସମସ୍ତଙ୍କୁ ସେମାନଙ୍କ ଶିକ୍ଷାଗତ ଯୋଗ୍ୟତା ଅନୁସାରେ ନିୟମିତ ତଥା ସ୍ଥାୟୀ ରୋଜଗାର ଅର୍ଜନ ଆବଶ୍ୟକ। ଏଥି ନିମନ୍ତେ ସମସ୍ତଙ୍କୁ ମଧ୍ୟ ନିତି ପ୍ରତିଦିନ ବିଭିନ୍ନ ପ୍ରକାରର ପ୍ରତିଯୋଗିତା ମୂଳକ ପରୀକ୍ଷାର ସମ୍ମୁଖୀନ ହେବାକୁ ପଡୁଛି। ପ୍ରଭାବଶାଳୀଙ୍କ ପ୍ରଭାବରେ ଯୋଗ୍ୟତାର ମାପକାଠିରେ ଉତ୍ତୀର୍ଣ୍ଣଙ୍କୁ ଏଡାଇ ଯେତେବେଳେ କିଛି ସାଧାରଣ ଯୋଗ୍ୟତା ର ପ୍ରାର୍ଥୀଙ୍କୁ ଚାକିରୀ ମିଳିଯାଏ, ସେତେବେଳେ ଯୋଗ୍ୟତମ ପ୍ରାର୍ଥୀ ହତୋତ୍ସାହିତ ହୋଇପଡେ।

ବିଶ୍ୱ ଶ୍ରମ ସଙ୍ଗଠନ ('ଆଇଏଲଓ' ଅର୍ଥାତ୍ ଇଣ୍ଟରନାସନାଲ ଲେବର ଅର୍ଗାନାଇଜସନ)ର ରିପୋର୍ଟ ଅନୁସାରେ ସମଗ୍ର ଦେଶରେ ଏବେ ଦିନକୁ ଦିନ ଉଚ୍ଚ ଶିକ୍ଷିତ ଯୁବ ବର୍ଗଙ୍କ ତୁଳନାରେ ଅର୍ଦ୍ଧ ଶିକ୍ଷିତ ଓ ଶିକ୍ଷାଗତ ଯୋଗ୍ୟତା ନଥିବା ଯୁବବର୍ଗଙ୍କ ମଧ୍ୟରେ ଆନୁପାତିକ ଭାବେ ବେକାରୀ ହାରରେ ମାତ୍ରାଧିକ ତାରତମ୍ୟ ବୃଦ୍ଧି ପାଇବାରେ ଲାଗିଛି। ସୂଚନା ଅନୁସାରେ ଅବିଶ୍ୱାସ ହେଲେ ମଧ୍ୟ ସତ, ଲେଖି ପଢି ପାରୁନଥିବା ନିରକ୍ଷର ଅବା ଜମା ସ୍କୁଲ ମାଡ଼ି ନଥିବା ବ୍ୟକ୍ତିଙ୍କ ମଧ୍ୟରେ ଶିକ୍ଷିତ ଯୋଗ୍ୟ ବ୍ୟକ୍ତିଙ୍କ ବେକାରୀ ହାର ଅହେତୁକ ବୃଦ୍ଧି ପାଇଛି। ଏକ୍ଷେତ୍ରରେ ନିରକ୍ଷର ବ୍ୟକ୍ତି ଙ୍କ ବେକାରୀ ହାର ମାତ୍ର ୩.୪ ପ୍ରତିଶତ ରହିଥିବା ବେଳେ ଶିକ୍ଷିତ ବ୍ୟକ୍ତି ଙ୍କ ବେକାରୀ ହାର ପ୍ରାୟ ୨୯.୧ ପ୍ରତିଶତ ବୋଲି ଏକ ଅନୁଶୀଳନରୁ ପ୍ରକାଶ। ଆମ ଦେଶ ଭାରତବର୍ଷରେ ମାଧ୍ୟମିକ ଓ ଉଚ୍ଚ ଶିକ୍ଷିତ ଯୁବକମାନଙ୍କ ମଧ୍ୟରେ ବେକାରୀ ସମସ୍ୟା ସମୟାନୁକ୍ରମେ ଜଟିଳ ହୋଇ ଚାଲିଛି। ଯୁବ ବର୍ଗଙ୍କ ମଧ୍ୟରେ ବେକାରୀ ହାର ସମଗ୍ର ବିଶ୍ୱ ତୁଳନାରେ ଭାରତ ବର୍ଷରେ ଅଧିକ ଉତ୍କଟ ରହିଥିବାରୁ ପ୍ରଭାବିତ ପରିବାରଙ୍କ ମଧ୍ୟରେ ଆର୍ଥିକ ଓ ମାନସିକ ସମସ୍ୟା ଦେଖାଦେଇଥିବା 'ଆଇ ଏଲ ଓ' ପକ୍ଷରୁ କୁହାଯାଇଛି।

ଶ୍ରମ ବଜାରରେ ପ୍ରବେଶ କରୁଥିବା ନୂତନ ଓ ଶିକ୍ଷିତ ଯୁବ ବର୍ଗଙ୍କ ପାଇଁ ବିଶେଷ କରି ଯୁବକଙ୍କ ପାଇଁ ଅଣ କୃଷି କ୍ଷେତ୍ରରେ ପର୍ଯ୍ୟାପ୍ତ ମାତ୍ରାରେ ଲାଭ ଜନକ ନିଯୁକ୍ତି ସୁଯୋଗ ସୃଷ୍ଟି କରିପାରିନଥିବା ପ୍ରକାଶ। ଏହାର ପ୍ରଭାବରେ ଦିନକୁ ଦିନ ସାଧାରଣରେ ବର୍ଦ୍ଧିତ ବେକାରୀ ହାର ପରିମାଣ ଅହେତୁକ ଭାବରେ ପ୍ରଭାବିତ ହୋଇ ଚାଲିଛି। ବଜାରରେ ମଧ୍ୟ ଶ୍ରମ ଶକ୍ତି ଉପଯୋଗୀତା ମିଳିବାରେ ମଧ୍ୟ ସମସ୍ୟା ରହିଛି।କାରଣ ଶ୍ରମ ଉପଯୋଗ କ୍ଷେତ୍ରରେ ଆବଶ୍ୟକ କୁଶଳୀ ଶ୍ରମିକ ମାନଙ୍କ ମଧ୍ୟରେ ଦକ୍ଷତା ପ୍ରତିପାଦନ ପାଇଁ ସ୍ପୃହା ଦେଖାଯାଉନାହିଁ। ଶ୍ରମକୁଣ୍ଠ ଶ୍ରମିକଙ୍କ ମଧ୍ୟରେ ଦକ୍ଷତା ବିକାଶ ନିମନ୍ତେ ଜାଗରଣ ନିମନ୍ତେ ଅନେକ ସାମଞ୍ଜସ୍ୟ ରହିଅଛି । ଏହା କଦାଚିତ ଉଭୟ ଦେଶ ଓ ବ୍ୟକ୍ତି ର କଲ୍ୟାଣ ପାଇଁ ସହାୟକ ହେବ ନାହିଁ।

ଅନ୍ୟ ପକ୍ଷରେ ସାରା ଦେଶରେ ଶିକ୍ଷିତ ଯୁବ ବର୍ଗଙ୍କ ମଧ୍ୟରେ ପୁରୁଷ ଙ୍କ ଅପେକ୍ଷା ମହିଳାମାନଙ୍କ ବେକାରୀ ହାର ଅଧିକ ରହିଛି। ଶିକ୍ଷିତ ବେକାରୀଙ୍କ ହାର ଶତକଡ଼ା ୬୨.୨ ପ୍ରତିଶତ ରହିଥିବା ବେଳେ ଶିକ୍ଷିତ ମହିଳାଙ୍କ ବେକାରୀ ହାର ୭୬.୭ ପ୍ରତିଶତ ରହିଥିବା ଅନୁଶୀଳନରୁ ପ୍ରକାଶ।

ଏତଦବ୍ୟତୀତ ଆମେ ଯଦି ଆମ ରାଜ୍ୟ ଓଡ଼ିଶାର କଥା ବିଚାରକୁ ନେବା, ନିଯୁକ୍ତି ସୂଚକରେ ବିହାର, ଉତ୍ତରପ୍ରଦେଶ, ମଧ୍ୟପ୍ରଦେଶ, ଝାଡ଼ଖଣ୍ଡ, ଛତିଶଗଡ଼ ଭଳି ଆମ ରାଜ୍ୟ ଓଡ଼ିଶାର ସ୍ଥାନ ମଧ୍ୟ ଆମ ଦେଶର ଅନ୍ୟ ରାଜ୍ୟ ତୁଳନାରେ ଲଗାତର ଭାବେ ତଳେ ରହିଛି। ଲିଙ୍ଗଗତ ଦୃଷ୍ଟିରୁ ପୁରୁଷଙ୍କ ନିଯୁକ୍ତି ସ୍ଥିତି ସୂଚକାଙ୍କରେ ଦେଶର ୨୨ ଟି ରାଜ୍ୟ ମଧ୍ୟରେ ସଭା ତଳେ ରହିଛି। ସେହିପରି ଗତ ୨୦୦୫ରୁ ମହିଳା ଙ୍କ ସ୍ଥାନ ୨୨ ତମ ସ୍ଥାନ ରେ ରହିଥିବାବେଳେ ଗତ ୨୦୨୨ ମସିହା ରୁ ଏଥିରେ ଉନ୍ନତି ହୋଇ ଏହା ଏବେ ଗୋଟିଏ ସ୍ଥାନ ଉପରକୁ ଉଠି ୨୧ ତମ ସ୍ଥାନରେ ଅଟକି ରହିଛି।

ସାରା ଦେଶରେ ଗ୍ରାମାଞ୍ଚଳ ବେକାରୀ ତୁଳନାରେ ସହରାଞ୍ଚଳ ବେକାରୀ ହାର ଅଧିକ ରହିଛି। ବି ଟେକ, କମ୍ପୁଟର ଓ ବାଣିଜ୍ୟ ଓ ବିଜ୍ଞାନ ସ୍ନାତକ ଓ ତଦୁର୍ଦ୍ଧ୍ୱ ବିଭିନ୍ନ ବୈଷୟିକ, ସାଧାରଣ ଉଚ୍ଚ ଶିକ୍ଷା ପ୍ରାପ୍ତ ଯୁବଗୋଷ୍ଠୀ ଆପଣା ଯୋଗ୍ୟତାନୁଯାୟୀ ଚାକିରି ପାଇବାରେ ବିଫଳ ହୋଇ ଆର୍ଥିକ ଅନାଟନରେ ପଡ଼ି ଶେଷରେ ଯେନତେନ ଉପାର୍ଜନ ନିମନ୍ତେ ଘରୋଇ ତଥା ଅଣ ସଂଗଠିତ କ୍ଷେତ୍ରରେ ଅସ୍ଥାୟୀ ନିଯୁକ୍ତି ପାଇଁ ମନୋନିବେଶ କରିବାକୁ ବାଧ ହେଉଛନ୍ତି। ଏପରିକି ଅନେକ ଉଚ୍ଚ ଶିକ୍ଷିତ ଯୁବ ବର୍ଗଙ୍କୁ ପରିସ୍ଥିତି ରେ ପଡି ଆଶାତୀତ କମ ଦରମାରେ ଅସ୍ଥାୟୀ ଭାବରେ ଫୁଡ୍ ଡେଲିଭରି, ଘରୋଇ ଡାକ ପାର୍ସଲ ନବା ଆଣିବା ପାଇଁ ଡେଲିଭରୀ କାର୍ଯ୍ୟ ଓ ଅନ୍ୟାନ୍ୟ ସେଲସ୍ ପର୍ସନ କାମକୁ ଆଦରିବାକୁ ବାଧ ହେବାକୁ ପଡ଼ିଥାଏ। ଏହା ବୈଷୟିକ ଶିକ୍ଷା ପ୍ରାପ୍ତ ଯୁବ ବର୍ଗଙ୍କ ଦକ୍ଷତା ବିକାଶ ପାଇଁ କ୍ରମେ ନିରୁତ୍ସାହଜନକ ପରିସ୍ଥିତି ସୃଷ୍ଟି କରିବାରେ ଲାଗିଛି। ବିଶେଷ କରି ଯୁବ ବର୍ଗଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି ନିମନ୍ତେ ବ୍ୟାପକ ଗଠନ ମୂଳକ ପଦକ୍ଷେପ ନେବାକୁ ସରକାର ଯୋଜନା ପ୍ରସ୍ତୁତ କରି ଏହାର ସବିଶେଷ କାର୍ଯ୍ୟକାରିତା ପାଇଁ ବିଭିନ୍ନ ବିଭାଗୀୟ ସ୍ତରରେ ତ୍ୱରିତ ରୂପାୟନ ପାଇଁ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ପକ୍ଷରୁ ପଦକ୍ଷେପ ପଡ଼ିବ। ସରକାରଙ୍କୁ ଯତପରୋନାସ୍ତି ଶ୍ରମ ଶକ୍ତିର ଉପଯୁକ୍ତ ମୂଲ୍ୟାୟନ ଓ ଦକ୍ଷତାର ଉପଯୁକ୍ତ ବିନିଯୋଗ କରିବାକୁ ପଡ଼ିବ। ଏପରି ହୋଇନପାରିଲେ ତଥା ଏଥିପାଇଁ ଆବଶ୍ୟକ କ୍ଷେତ୍ର ପ୍ରସ୍ତୁତି ସୃଷ୍ଟି କରିନପାରିଲେ ଏହା ଆଗାମୀ ଦିନରେ ସମଗ୍ର ଦେଶରେ ଉଭୟ ଶ୍ରମ ଶକ୍ତି ଓ ଆର୍ଥିକ ବିକାଶ ପାଇଁ ଘୋର ଅନ୍ତରାୟ ସୃଷ୍ଟି କରିବାର ସମ୍ଭାବନାକୁ ଏଡାଇ ଦେଇ ହେବନାହିଁ। ବିଶ୍ୱ ଶ୍ରମ ସଂଗଠନ ଏଥିପ୍ରତି ଆବଶ୍ୟକ ସଚେତନ ହେବାକୁ ଭାରତକୁ ମଧ୍ୟ ଚେତାଇ ଦେଇଛି।

ବୈଷୟିକ ଜ୍ଞାନ କୌଶଳ ଶିକ୍ଷା ପ୍ରାପ୍ତ ଯୁବ ଗୋଷ୍ଠୀ ପାରମ୍ପରିକ ଚାକିରି ପଛରେ ନଗୋଡାଇ ଆତ୍ମନିର୍ଭରଶୀଳ ହେବା ଉଦ୍ଦେଶ୍ୟରେ ଯଦି ସେମାନେ ସେମାନଙ୍କ ନିଜ ନିଜ ଜ୍ଞାନ କୌଶଳ ଦକ୍ଷତା କୁ ଉପଯୋଗ କରନ୍ତେ, ତେବେ ଶ୍ରମଶକ୍ତି ଓ ଦକ୍ଷତା ବିନିଯୋଗ ପାଇଁ କ୍ଷେତ୍ର ପ୍ରସ୍ତୁତ ହୋଇ ସାମୁହିକ ଆର୍ଥିକ କଲ୍ୟାଣ ସମ୍ଭବ ହୋଇପାରନ୍ତା। ଏଥି ନିମନ୍ତେ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ପ୍ରଣୀତ ବିଭିନ୍ନ ଯୋଜନାର ସଫଳ ରୂପାୟନ ପାଇଁ ବିଭାଗୀୟ ସ୍ତରରେ ଏକ ଗଠନମୂଳକ ପଦକ୍ଷେପ ନିଆଯାଇ ଏହାର ମନିଟରିଂ ହେବା ସର୍ବାଦୌ ଜରୁରୀ। ଆତ୍ମନିର୍ଭରଶୀଳ ଭାରତ ପାଇଁ ଶ୍ରମ ବିନିଯୋଗ ଓ ଉତ୍ପାଦନର ଶ୍ରୀ ବୃଦ୍ଧି ସାଧନ ପାଇଁ ସରଳ ଉପାୟରେ ଯୋଜନାର କାର୍ଯ୍ୟକାରିତା ହାସଲ ପାଇଁ ଉଭୟ ସରକାର ଓ ସାଧାରଣରେ ଉତ୍ତମ ସଙ୍ଯୋଜନା ରକ୍ଷା ହୋଇପାରିଲେ ଏହା ନିଶ୍ଚିତ ରୂପେ ବେକାରୀ ସମସ୍ୟାର ଅପନୋଦନ କରାଇପାରିବାର ପ୍ରେରଣାଦାୟୀ ମାର୍ଗ ଉନ୍ମୋଚନରେ ସମ୍ଭବ ହୋଇପାରନ୍ତା। ଏହା ନିଶ୍ଚିତ କର୍ମ ନିୟୋଜନ ପାଇଁ ମଧ୍ୟ ସାମର୍ଥ୍ୟ ହାସଲରେ ଖୋରାକ ଯୋଗାଇ ପାରିବା ନିଃସନ୍ଦେହ ଅଟେ।

ଲେଖକ:-ସ୍ତମ୍ଭକାର, ନାଚୁଣୀ,ଖୋର୍ଦ୍ଧା
ପିନ:-୭୫୨୦୩୪, ଓଡ଼ିଶା
୬୩୭୦୪୯୫୯୪୪
mailpariprakas@gmail.com



## WATER FOR PEACE:

# BRIDGING DIVIDES ON INTERNATIONAL WATER DAY



Nihar Ranjan Acharya



As the world commemorates International Water Day on March 22nd, the significance of water in fostering peace and cooperation among nations cannot be overstated. Water, essential for life and development, has the potential to either fuel conflict or serve as a catalyst for collaboration. In an era marked by growing water scarcity and geopolitical tensions, the imperative to prioritize water diplomacy has never been more pressing.

The nexus between water and peace is multifaceted. Access to clean water is a basic human right, yet millions around the globe lack this fundamental resource, exacerbating social inequalities and sparking disputes. Scarce water resources often transcend political boundaries, leading to transboundary conflicts over rivers, lakes, and aquifers. The management of shared water bodies necessitates cooperation and negotiation, offering opportunities for diplomatic engagement and conflict resolution.

Historically, water disputes have fueled regional tensions and even armed conflicts. However, enlightened approaches to water management have demonstrated the potential for cooperation and peacebuilding. The Indus Waters Treaty between India and Pakistan, brokered by the World Bank in 1960, stands as a testament to the power of diplomacy in resolving water disputes. Despite enduring political animosities, both countries have adhered to the treaty, ensuring the equitable distribution of the Indus River's waters and averting potential conflicts.

Similarly, the Nile Basin Initiative brings together riparian states in the Nile River basin to promote sustainable development and cooperative management of shared water resources. By fostering dialogue and collaboration, initiatives like these transcend political differences, fostering trust and stability in volatile regions.

Water scarcity exacerbated by climate change further underscores the urgency of transboundary water cooperation. As glaciers recede and rainfall patterns shift, competition for dwindling water resources intensifies. In regions already grappling with political instability, such as the Middle East and North Africa, water scarcity poses a potent threat to peace and security. However, proactive water diplomacy can transform water scarcity from a source of conflict into an opportunity for cooperation and mutual benefit.

Efforts to promote water for peace must extend beyond state actors to include civil society, academia, and the private sector. Multistakeholder partnerships play a vital role in fostering inclusive and sustainable water governance, amplifying the voices of marginalized communities and promoting water equity. Platforms like the High-Level Panel on Water and Peace provide a forum for dialogue and knowledge exchange, facilitating the development of innovative solutions to water related challenges.

Investments in water infrastructure and management are essential for building resilience and preventing conflicts over water resources. By enhancing access to safe water and sanitation, countries can address the root causes of instability and lay the foundations for lasting peace and prosperity. Furthermore, integrating water considerations into broader development strategies, such as the Sustainable Development Goals, can unlock synergies and maximize the impact of water investments.

As we mark International Water Day, let us reaffirm our commitment to harnessing the power of water for peace. By prioritizing cooperation over conflict, we can transcend borders and build a more just and sustainable world for future generations. Whether through diplomatic negotiations, grassroots activism, or technological innovation, each of us has a role to play in advancing water for peace. Together, let us work towards a future where water serves as a source of unity rather than division, and where the rivers of the world flow as symbols of cooperation and shared prosperity.

Founder and Working Director, TRUST –
a Science Lover Organization
'Scientific Officer',
Indian Climate Congress

**Email: nihar.acharya@rediffmail.com, nihar.acharya1973@gmail.com**
**Ph.8249775817**







## ରଣପୁର ନିର୍ବାଚନ ମଣ୍ଡଳୀ ପରିକ୍ରମା

# ବିଜେପିର ଯୁବ ପ୍ରାର୍ଥୀ ତାପସଙ୍କୁ ନେଇ ଲୋକଙ୍କ ଉତ୍ସାହ

- ବିଜେଡିର ଏକମାତ୍ର ଭରଷା ମାଗଣା ଯୋଜନା ଓ ମାଳମାଳ ପ୍ରାକ୍ ନିର୍ବାଚନୀ ପ୍ରତିଶ୍ରୁତି
- ବିଜେଡ଼ି ଯୁବ ବାହିନୀ ଓ ମହିଳା ଭୋଟ ବ୍ୟାଙ୍କଙ୍କୁ ନେଇ ବାଦଲ ଚିନ୍ତାରେ
- କଂଗ୍ରେସର ବିଭୁ ଓ ସତ୍ୟଙ୍କ ସମର୍ଥକଙ୍କ ଭିତରେ ପ୍ରାର୍ଥିତ୍ୱକୁ ନେଇ ଛକା ପଞ୍ଝା






ରଣପୁର (ଭିଓଭି): ଚଳିତ ନିର୍ବାଚନରେ ବିଜେଡି ତାର ପୁରୁଣା ପ୍ରାର୍ଥୀ ସତ୍ୟ ନାରାୟଣ ପ୍ରଧାନଙ୍କ ଉପରେ ଭରଷା କରି ରିପିଟ୍ କରିଥିବା ବେଳେ ପ୍ରମୁଖ ପ୍ରତିଦ୍ୱନ୍ଦୀ ବିଜେପି ଦଳ ଭେଟରାନ ସୁରମା ପାଢ଼ୀଙ୍କୁ ଟିକେଟ ନଦେଇ ସୁରମାଙ୍କ ଆଦର୍ଶରେ ଅନୁପ୍ରାଣିତ ଯୁବ ନେତା ତାପସ ରଂଜନ ମାର୍ଥା ଙ୍କୁ ଭରଷା କରିଛି। ତାପସ ଜଣେ ଉଚ୍ଚ ଶିକ୍ଷିତ ଯୁବକ ହୋଇଥିବା ବେଳେ ତାଙ୍କରି ଧର୍ମପତ୍ନୀ ବର୍ତ୍ତମାନ ରଣପୁର ବ୍ଲକ୍ ପଞ୍ଚାୟତ ସମିତି ଅଧକ୍ଷା ଭାବେ କାମ କରୁଛନ୍ତି। ତାପସ ମଧ ନୟାଗଡ ଜିଲ୍ଲା ବିଜେପି ସଭାପତି ଭାବେ ଦାୟିତ୍ୱ ନିର୍ବାହ କରିବା ସଙ୍ଗେ ସଙ୍ଗେ ରଣପୁର ନିର୍ବାଚନ ମଣ୍ଡଳୀ ଓ ଜିଲ୍ଲା ବାସୀଙ୍କ ପାଖରେ ଅଳ୍ପ ଦିନ ମଧ୍ୟରେ ଲୋକ ପ୍ରିୟତା ହାସଲ କରିପାରିଛନ୍ତି। ବରିଷ୍ଠଙ୍କୁ ଯଥୋଚିତ ସମ୍ମାନ ସଙ୍ଗେ ସଙ୍ଗେ କନିଷ୍ଠମାନଙ୍କୁ ଭଲ ପାଇ ନିଜର କରିନେବା ତାପସଙ୍କ ଏକ ଈଶ୍ୱର ପ୍ରଦତ୍ତ ଗୁଣ।

ବିଜେପିର ନୂଆ ଯୁବ ପ୍ରାର୍ଥୀ ତାପସଙ୍କୁ ନେଇ ଜନ ସାଧାରଣ ଅନେକ ମାତ୍ରାରେ ଉତ୍ସାହୀ ଅଛନ୍ତି। କିଛି କର୍ମୀ ସୁରମାଙ୍କୁ ପୁନର୍ବାର ବିଧାୟିକା ଭାବେ ଆଶା ରଖିଥିବା ବେଳେ ଆରମ୍ଭରୁ ଅସନ୍ତୋଷ ବ୍ୟକ୍ତ କରିଥିଲେ ମଧ୍ୟ ଏବେ ସମସ୍ତେ ଦଳର ନିଷ୍ପତିକୁ ମାନି ନେଇ ତାପସଙ୍କୁ ଗ୍ରହଣ କରି ସାରିଲେଣି। ଆଗକୁ ନିର୍ବାଚନ ମଇଦାନରେ ଭ୍ରଷ୍ଟାଚାର ବିରୁଦ୍ଧରେ ଲଢେଇ ଜୋରଦାର ହେବ ବୋଲି ତାପସ ପ୍ରକାଶ କରିଛନ୍ତି।

ତୃତୀୟ ଥର ପାଇଁ ଟିକେଟ ପାଇଥିବା ବିଜେଡି ପ୍ରାର୍ଥୀ ବାଦଲ ଉପରକୁ ବହୁତ୍ ଉତ୍ସାହି ଦେଖାଯାଉଥିବା ବେଳେ ଦଳୀୟ କନ୍ଦଳକୁ ନେଇ ଚିନ୍ତାରେ ଅଛନ୍ତି। ତାଙ୍କ ଅମଳରେ ନିଜସ୍ୱ ଉଦ୍ୟମରେ କୌଣସି ଆଖିଦୃଶିଆ କାମ ରଣପୁର ଅଞ୍ଚଳରେ ସେ କରି ପାରି ନାହାଁନ୍ତି। ବିଜେଡିର କେବଳ ମାଗଣା ଯୋଜନା ଓ ପ୍ରାକ୍ ନିର୍ବାଚନୀ ପ୍ରତିଶ୍ରୁତି ହିଁ ପୁନର୍ବାର ନିର୍ବାଚନ ଜିତିବା ପାଇଁ ଭରଷା।

ରାଜ୍ୟ ସରକାରଙ୍କ ଅନୁଦାନର ବଣ୍ଟନ, ରାଜ୍ୟ ସ୍ତରୀୟ କିଛି ଅନୁମୋଦିତ ପ୍ରକଳ୍ପ ଓ ଯୋଜନାର କାର୍ଯ୍ୟକୁ ସମ୍ପାଦନ କରିବା ବ୍ୟତୀତ କୌଣସି ନୂଆ ଲୋକାଭିମୁଖୀ ଯୋଜନା ବାଦଲ ତାଙ୍କ ଅମଳରେ କରାଇ ପାରି ନାହାଁନ୍ତି ବୋଲି ଲୋକେ ବୁଝି ଯାଇଛନ୍ତି।

ଶିକ୍ଷା, ସ୍ୱାସ୍ଥ୍ୟ ସେବା, କୃଷି , ଜଳସେଚନ ସହିତ, ପରିମଳ ଓ ବେକାରୀ ସମସ୍ୟାକୁ ନେଇ କୌଣସି ନିଜସ୍ୱ ଉଦ୍ୟମ ବାଦଲ କରି ପାରି ନାହାଁନ୍ତି। ଡାକ୍ତରଖାନାରେ ଡାକ୍ତର ଓ ବିଦ୍ୟାଳୟମାନଙ୍କରେ ଶିକ୍ଷକ ଅଭାବ। ଭେଟବର ବନ୍ଧ, ବାଞ୍ଝା ବନ୍ଧର ଉନ୍ନତି କରଣ ହୋଇ ପାରିନାହିଁ , ଜଳ ସେଚନ ହେବ ଆଉ କଣ ? ରଣପୁରରେ ଡ୍ରେନେଜ୍ ଓ ପରିମଳ ବ୍ୟବସ୍ଥା କଥା କହିଲେ ନ ସରେ। ଉପର ମାଆ ମଣିନାଗ ପାହାଡ ରାସ୍ତା ମରଣ ଯନ୍ତା ପାଲଟିଛି। ଅସୁରକୁମାରି ଓ ଖିଲାମୂଣ୍ଡାକୁ ପର୍ଯ୍ୟଟନ ସ୍ଥଳୀ ଘୋଷଣା ପାଇଁ ଉଦ୍ୟମ କରାଇ ପାରିଲେ ନାହିଁ। ନିର୍ବାଚନ ନିକଟ ହେବାରୁ ମଲାଗୁଣି ବ୍ରିଜ କାମ ଆରମ୍ଭ କରିଛନ୍ତି, କାମ ଚାଲି ଥିବାରୁ ଭୟଙ୍କର ବିକଳ୍ପ ରାସ୍ତାରେ ଲୋକେ ଯିବା ଆସିବା ନିମନ୍ତେ ଡରୁଛନ୍ତି ।

ମାଳ ମାଳ ଅସୁବିଧା ଥିବା ସତ୍ତ୍ୱେ ବାଦଲ କେବଳ ମାଗଣା ଯୋଜନାର ହିତାଧିକାରୀ ଭୋଟରଙ୍କ ଉପରେ ଭରଷା କରି ନିର୍ବାଚନ ବୈତରଣୀ ପାରିହେବା ଭରଷାରେ ଅଛନ୍ତି। ତାଙ୍କ ପାଇଁ ଯୁବ ବିଜେଡ଼ି ବାହିନୀ ଓ ମହିଳା ଗୋଷ୍ଠୀ ଭୋଟର ବର୍ତ୍ତମାନ ଆହ୍ୱାନ ସୃଷ୍ଟି କରିଛନ୍ତି ବୋଲି ନାମ ପ୍ରକାଶ ନ କରି ବିଜେଡିର ଜଣେ ବରିଷ୍ଠ କର୍ମୀ ପ୍ରକାଶ କରିଛନ୍ତି।କଂଗ୍ରେସ ଏ ପର୍ଯ୍ୟନ୍ତ ତାର ପ୍ରାର୍ଥୀ ଘୋଷଣା କରି ନ ଥିବା ବେଳେ ପୂର୍ବତନ ବିଧାୟକ ରମାକାନ୍ତ ମିଶ୍ରଙ୍କ ପୁତୁରା ବିଭୁ ପ୍ରସାଦ ମିଶ୍ର ଓ ଯୁବ ଚାଷୀ ନେତା ସତ୍ୟବ୍ରତ ନାୟକଙ୍କ ନାମ ପ୍ରାର୍ଥୀ ତାଲିକା ଚର୍ଚ୍ଚା ଶୀର୍ଷରେ ଅଛନ୍ତି।

ପୂର୍ବତନ ବିଧାୟକ ତଥା ରାଜ୍ୟସଭା ସଦସ୍ୟ ରବି ନାରାୟଣ ମହାପାତ୍ରଙ୍କ ନିଷ୍ପତି ମଧ୍ୟ ଏଠାରେ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିବ ବୋଲି ବୁଦ୍ଧିଜୀବୀମାନେ ଆଲୋଚନା କରୁଛନ୍ତି।




Sj DEVELOPERS
builds assets for life

ମହାବିଷୁବ ସଂକ୍ରାନ୍ତି ଓ
ଓଡ଼ିଆ ନବବର୍ଷର ଅଭିନନ୍ଦନ

SJ DEVELOPERS & HOUSING PRIVATE LIMITED
Corporate Office: ROYAL ARCADE, Unit No. 526 to 532, 5th Floor, Near Royal Lagoon, Nandankanan Road,
Raghunathpur, Patia, Bhubaneswar- 751024, Ph.: +9338357575, Email ID: career@sjdevelopers.com

ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

# ସତ୍ୟବାଦୀ ବକୁଳବନ ବିଦ୍ୟାଳୟ ରୁ ଓଡ଼ିଆ ବିଶ୍ୱବିଦ୍ୟାଳୟ






ସତ୍ୟବାଦୀ ଗୋପିନାଥ ଦେବଙ୍କ ମନ୍ଦିର ଠିକ୍ ପଛପଟକୁ ଥିବା ଗୁପ୍ତ ବୃନ୍ଦାବନ ଭିତରେ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଭାବନାର ପରିପ୍ରକାଶ ବକୁଳବନ ବିଦ୍ୟାଳୟ ହେଉଛି ଶିକ୍ଷା, ଦୀକ୍ଷା ଓ ଚରିତ୍ରଗଠନ ପାଇଁ ଏକ ପ୍ରୟୋଗଶାଳା। ମୁକ୍ତ ଆକାଶ ତଳେ ଏକ ବିଦ୍ୟାଳୟ ସ୍ଥାପନ ପାଇଁ ମାନସ ଚକ୍ଷୁରେ ସେ ପରିକଳ୍ପନା କରିଥିଲେ। ବିଦ୍ୟାର୍ଥୀ ଜୀବନରେ ସତ୍ ଚରିତ୍ରର ଆବଶ୍ୟକତାକୁ ପୁଣ୍ୟାତ୍ମା ଉତ୍କଳମଣି ଗଭୀରତାର ସହ ଅନୁଭବିଥିଲେ। ସେ ପରିକଳ୍ପିତ କରିଥିବା ମୁକ୍ତାକାଶ ବିଦ୍ୟାଳୟର ପରିବେଶ ଅତ୍ୟନ୍ତ ମନମୁଗ୍ଧକର, ହେଲେ ତାହା କେବଳ ମନର ଚିନ୍ତା ଓ ଚେତନା ଭିତରେ ରହି ହଜିଗଲା। ତାଙ୍କର ସେହି ଚେତନାକୁ ପୁନଉଦ୍ଧାର କରିବା ଉଦ୍ଦେଶ୍ୟରେ ବିଗତ ଦିନରେ ସରକାର ଚେଷ୍ଟା କରିଥିଲେ। ତାହାର ଫଳସ୍ୱରୁପ ଗୁପ୍ତ ବୃନ୍ଦାବନ ପରିସରରେ ଥିବା ମନୋରମ ପରିବେଶରେ ଏକ ମୁକ୍ତାକାଶ ଥିଏଟର ସହିତ ଅନେକ କିଛି ନିର୍ମାଣକାର୍ଯ୍ୟ କରାଇଥିଲେ। କିନ୍ତୁ ତାହା ଉପଯୁକ୍ତ ରକ୍ଷଣାବେକ୍ଷଣ ଅଭାବରୁ ଭଗ୍ନ ଅବସ୍ଥାରେ, ଭୂତକୋଠି ଭଳି ପଡ଼ି ରହି ଏବେ ନଷ୍ଟ ପ୍ରାୟ ଅବସ୍ଥାକୁ ଆସିଗଲାଣି। ଯାହା କେବଳ ଇତିହାସର ମୂକସାକ୍ଷୀ ଭଳି ପଡ଼ି ରହିଛି। ସଂପ୍ରତି ଅସାମାଜିକ ବ୍ୟକ୍ତିମାନଙ୍କ ଚରାଭୂଇଁ ହୋଇଯାଇଛି ପୂଣ୍ୟାତ୍ମାଙ୍କ ମାନସ ପୀଠ। ସେଠାରେ ଆପତ୍ତିଜନକ ଜିନିଷ ପଡ଼ିରହିବାର ଦୃଶ୍ୟ ଅତ୍ୟନ୍ତ ହୃଦୟ ବିଦାରକ। ଏବେବି ସେଠି ପଡ଼ି ରହିଛି ସେହି ସିମେଣ୍ଟ ନିର୍ମିତ ଚୌକି ଓ ବେଞ୍ଚ ଯେଉଁଠାରେ ବସି ପଣ୍ଡିତମାନେ ଶିକ୍ଷାଦାନ କରୁଥିଲେ ଏବଂ ଛାତ୍ରମାନେ ବିଦ୍ୟା ଅଧ୍ୟୟନ କରୁଥିଲେ। ସେହି ପବିତ୍ର ସତ୍ୟବାଦୀ ବକୁଳବନ ବିଦ୍ୟାଳୟର ଠିକ୍ ବିପରୀତ ପାର୍ଶ୍ୱରେ ଆମ ସରକାର ପ୍ରତିଷ୍ଠା କରିଛନ୍ତି ନୂଆ ଓଡ଼ିଆ ବିଶ୍ୱବିଦ୍ୟାଳୟ। ଏହା ଅତ୍ୟନ୍ତ ଆନନ୍ଦର ବିଷୟ ଯେ ଆମ ସରକାର ଓଡ଼ିଆ ଭାଷାର ବିକାଶ ନିମନ୍ତେ ସ୍ୱତନ୍ତ୍ର ଭାବେ ଏହି ବିଶ୍ୱ ବିଦ୍ୟାଳୟ ପ୍ରତିଷ୍ଠା କରିବା ନିମନ୍ତେ ଯୋଜନା ଅନେକ ଦିନ ହେଲା କରି ଚଳିତ ବର୍ଷ ଏହାକୁ ଉଦଘାଟନ୍ କରାଇଛନ୍ତି। ବୁଦ୍ଧିଜୀବୀମାନଙ୍କ ପ୍ରଶ୍ନ ଯେ ଐତିହାସିକ ବକୁଳବନ ବିଦ୍ୟାଳୟକୁ ନୂଆ ଓଡ଼ିଆ ବିଶ୍ୱବିଦ୍ୟାଳୟ ଭାବେ କାହିଁକି ପରିବର୍ତ୍ତିତ କରି ଗଢି ତୋଳାଗଲା ନାହିଁ? ଏହା ଦ୍ୱାରା ସମାନ୍ତରାଳ ଭାବରେ ଅତୀତର କୀର୍ତ୍ତିରାଜି ସମ୍ମିଳିତ ବକୁଳବନ ବିଦ୍ୟାଳୟର ମଧ ରକ୍ଷଣାବେକ୍ଷଣ ହେଇଥାନ୍ତା ଏବଂ ତା ସହିତ ନୂଆ ଓଡ଼ିଆ ବିଶ୍ୱବିଦ୍ୟାଳୟ କାମ ଚାଲିପାରିଥାନ୍ତା। ବକୁଳବନ ବିଦ୍ୟାଳୟର ରୁପାନ୍ତରଣ ନକରି ନୂଆ ଓଡ଼ିଆ ବିଶ୍ୱିଦ୍ୟାଳୟକୁ ତରବରିଆ ଭାବେ ପ୍ରତିଷ୍ଠା ହେବା ଅନେକ ପ୍ରଶ୍ନବାଚୀ ସୃଷ୍ଟି କରିଛି। ବିଶ୍ୱବିଦ୍ୟାଳୟ ପାଚିରୀକୁ ଲାଗି ରହିଥିବା ପଞ୍ଚସଖାଙ୍କ ସମାଧିପୀଠ ହୋଇ ଯାଇଛି ନିଶାଖୋର୍‌ମାନଙ୍କ ଚରାଭୂଇଁ ବା ଆଡ୍ଡା। ସମାଧି ପରିସର ରେ ଘାସ, କଣ୍ଟାବୁଦା ଗଛରେ ପରିପୂର୍ଣ୍ଣ। ସେଠାରେ ରକ୍ଷଣାବେକ୍ଷଣ ପାଇଁ କର୍ମଚାରୀ କି ସୁରକ୍ଷାକର୍ମୀ କେହି ନହାଁନ୍ତି। ଏ ବିଷୟରେ ସ୍ଥାନୀୟ ପ୍ରଶାସନ ଓ ରାଜନେତା ମାନେ ଧ୍ୟାନ ଦେବା ନିହାତି ଜରୁରୀ।

## ପଞ୍ଚସଖା ପାଠାଗାର



ସତ୍ୟବାଦୀ ବକୁଳବନ ବିଦ୍ୟାଳୟ ମୁଖ୍ୟ ଫାଟକ ସାମ୍ନାରେ ଅବସ୍ଥିତ ପଞ୍ଚସଖା ପାଠାଗାର। ଠିକ୍ ପଞ୍ଚସଖାଙ୍କ ସମାଧିପୀଠକୁ ଲାଗିରହିଛି ଏହି ପାଠାଗାର। ପୁରୁଣା କୋଠାଗୃହର ସ୍ଥିତି ଅତ୍ୟନ୍ତ ଦୟନୀୟ। ତଥାପି ସେଠି ବହୁତ ଛାତ୍ରଛାତ୍ରୀ ପଢିବାକୁ ଆସୁଛନ୍ତି। ଆଜିର ଡିଜିଟାଲ ଯୁଗରେ ମଧ ପାଠାଗାରରେ ପଢିବା ପାଇଁ ଛାତ୍ରଛାତ୍ରୀମାନଙ୍କ ଭିତରେ ଆଗ୍ରହ ରହିଛି। ଏହି ଐତିହାସିକ ପାଠାଗାରରେ ପଢାପଢ଼ି କରିବା ନିମନ୍ତେ ଆଖପାଖରୁ ଆସୁଥିବା ଛାତ୍ରଛାତ୍ରୀମାନଙ୍କ ସହିତ କଥା ହୋଇ ଜାଣିବାକୁ ପାଇଥିଲୁ ଯେ ସେମାନେ ସେଠାକୁ ଚାକିରି ପାଇବା ନିମନ୍ତେ ପ୍ରସ୍ତୁତି କରଣ ପାଇଁ ଆସୁଛନ୍ତି। ଉକ୍ତ ପାଠାଗାରର ଉନ୍ନତିକରଣ ସହ ଆଧୁନିକ ସଂରଞ୍ଜାମ ଓ ଯଥେଷ୍ଟ ପରିମାଣରେ ପୁସ୍ତକ ଦେବାପାଇଁ ସ୍ଥାନୀୟ ପ୍ରଶାସନ ଉଦ୍ୟମ କରିବା ଦରକାର।

## ଶେଷକଥା





ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଜନ୍ମସ୍ଥାନ (ଷଠିଘର) ସୁଆଣ୍ଡୋର ରୁପାନ୍ତିକରଣ ପାଇଁ ସରକାର ପ୍ରଶଂସାର ପାତ୍ର। ଯେଉଁ ଘରେ ଉତ୍କଳମଣି ଗୋପବନ୍ଧୁଙ୍କ ଜନ୍ମ ହୋଇଥିଲା ସେହି ଘରକୁ ସୁରକ୍ଷିତ ରଖି ତାକୁ ପର୍ଯ୍ୟଟକମାନଙ୍କ ଦର୍ଶନ ନିମନ୍ତେ ଉନ୍ମୁକ୍ତ




ରଖା ଯାଇଛି। ସେହିଠାରେ ତାଙ୍କର ବ୍ୟବହୃତ ପଲଙ୍କ, ପିଢ଼ା, କଂସାବାସନ ସହିତ ଢ଼ିଙ୍କିଶାଳ, ହାଣ୍ଡିଶାଳ, ଅଗଣା ଓ ଠାକୁରଘରର ଦୃଶ୍ୟ ଚମତ୍କାର। ନିଜର ଜୀବନକୁ ତିଳତିଳ କରି ରାଜ୍ୟବାସୀଙ୍କ ପାଇଁ ଉତ୍ସର୍ଗ କରିଦେଇଥିବା ଗୋପବନ୍ଧୁଙ୍କ ଜୀବନୀକୁ ନେଇ ଜନ୍ମଠାରୁ ମୃତ୍ୟୁ ପର୍ଯ୍ୟନ୍ତ ଅନେକ ଘଟଣାବଳୀର ବର୍ଣ୍ଣନା ପୂର୍ବକ ଆକର୍ଷଣୀୟ ଛବି ପ୍ରଦର୍ଶନ କରି ଏକ ମନୋରମ ପାର୍କ ଭିତରେ ସରକାର ଏକ ସୁନ୍ଦର ସଂଗ୍ରହାଳୟ ପ୍ରତିଷ୍ଠା କରାଇଛନ୍ତି। ଜଣେ ଓଡ଼ିଆ ହିସାବରେ ସମସ୍ତ ଓଡ଼ିଶାବାସୀଙ୍କୁ ଆମେ ଅନୁରୋଧ



କରିବୁ ଯେ ତ୍ୟାଗ ଓ ବଳିଦାନରର ପ୍ରତୀକ ଉତ୍କଳମଣିଙ୍କ ପବିତ୍ର ଜନ୍ମଭୂମି ସୁଆଣ୍ଡୋକୁ ସମସ୍ତେ ଆସି ବୁଲିଯିବା ସହିତ ଆମରି ଗର୍ବ ଓ ଗାଥାର ପ୍ରଚାର ଏବଂ ପ୍ରସାର କରନ୍ତୁ। ସମସ୍ତ ଦାୟିତ୍ୱ କିମ୍ବା କର୍ତ୍ତବ୍ୟ କେବଳ ସରକାରଙ୍କର ନୁହେଁ ବରଂ ଜନସାଧାରଣଙ୍କ ଅଧିକ ସଂପୃକ୍ତି ତାକୁ ଅଧିକ ଆଦୃତ କରାଏ। ଏଥିସହିତ ଆମେ ସୁଆଣ୍ଡୋ ଅଞ୍ଚଳର ଉତ୍ସାହୀ ଯୁବବନ୍ଧୁମାନଙ୍କୁ ଅନୁରୋଧ କରିବୁ ପର୍ଯ୍ୟଟକମାନଙ୍କ ସୁବିଧା ନିମନ୍ତେ ବିଶ୍ରାମଗାର, ଭୋଜନ କରିବା ନିମନ୍ତେ ଭୋଜନାଳୟ ପ୍ରତିଷ୍ଠା ପାଇଁ ଯତ୍ନବାନ ହୁଅନ୍ତୁ।

ସରକାରଙ୍କୁ ଅନୁରୋଧ ଏଠାରେ ରାତ୍ରୀ ରହଣିର ବ୍ୟବସ୍ଥା କରାଇଲେ କିଛି ପର୍ଯ୍ୟଟକମାନେ ଏଠାରେ ରାତ୍ରୀଯାପନ କରିବା ସହିତ ଗୋପବନ୍ଧୁଙ୍କ ବିଷୟରେ ଅଧିକ ଅଧ୍ୟୟନ କରି ପାରନ୍ତେ। ଉତ୍କଳମଣିଙ୍କ ଆଦର୍ଶରେ ସଭିଏଁ ଉଦବୁଦ୍ଧ ହୋଇ ଓଡିଆ ଅସ୍ମିତାର ଜୟଗାନ କରନ୍ତୁ।



# କଂଗ୍ରେସର 'ନ୍ୟାୟ ପତ୍ର'ରେ ୨୫ ଗ୍ୟାରେଣ୍ଟି




**ନୂଆଦିଲ୍ଲୀ:** ପାଖେଇ ଆସିଲାଣି ଲୋକସଭା ନିର୍ବାଚନ। ଏହାପୂର୍ବରୁ କଂଗ୍ରେସ ଜାରି କରିଛି ତା'ର ଘୋଷଣା ପତ୍ର। ଏହାକୁ ସେ 'ନ୍ୟାୟ ପତ୍ର' ନାଁ ଦେଇଛି। ଏହି ନ୍ୟାୟ ପତ୍ରରେ ରହିଛି ୫ ନ୍ୟାୟ ଓ ୨୫ ଗ୍ୟାରେଣ୍ଟି। କଂଗ୍ରେସ ମୁଖ୍ୟା କାର୍ଯ୍ୟାଳୟରେ ଦଳର ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡ଼ଗେ ଏବଂ ପୂର୍ବତନ ଅଧ୍ୟକ୍ଷ ସୋନିଆ ଗାନ୍ଧି ଏବଂ ରାହୁଲ ଗାନ୍ଧି ଏହି ଘୋଷଣା ପତ୍ରକୁ ପ୍ରକାଶ କରିଛନ୍ତି।

କଂଗ୍ରେସ ଏହି ଘୋଷଣା ପତ୍ର ମାଧ୍ୟମରେ ଜନସାଧାରଣଙ୍କୁ ୨୫ଟି ପ୍ରତିଶ୍ରୁତି ତଥା ଗ୍ୟାରେଣ୍ଟି ଦେଇଛି। ଗରିବ ପରିବାରର ମହିଳାମାନଙ୍କୁ ବାର୍ଷିକ ୧ଲକ୍ଷ ଟଙ୍କା ସହାୟତା ପାଇଁ ପ୍ରତିଶୃତି ଦିଆଯାଇଛି। ଏଥି ସହିତ, ୨୦୨୫ ସୁଦ୍ଧା ସରକାରୀ ଚାକିରିରେ ମହିଳାମାନଙ୍କୁ ୫୦ ପ୍ରତିଶତ ସଂରକ୍ଷଣ ଦେବାକୁ କଂଗ୍ରେସ ନିଜ ନ୍ୟାୟ ପତ୍ରରେ କହିଛି।

କେବଳ ସେତିକି ନୁହେଁ ସଂରକ୍ଷଣ ସୀମା ବଢ଼ାଇବା, ଜାତିଗତ ଜନଗଣନା କରାଯିବ, ଋଣ ଛାଡ କମିଶନ ଗଠନ ଓ ନିଯୁକ୍ତ ଗ୍ୟାରେଣ୍ଟି, ସର୍ବନିମ୍ନ ମଜୁରୀ ୪୦୦, ୪୦ ଲକ୍ଷ ସରକାରୀ ଚାକିରୀ, ଗରିବ ମହିଳାଙ୍କୁ ୧ ଲକ୍ଷ ଟଙ୍କା ସହାୟତା, ତାଲିମ ପାଇଁ ୧ଲକ୍ଷ ଟଙ୍କା, ସହରୀ ନିଯୁକ୍ତି ଗ୍ୟାରେଣ୍ଟି ଯୋଜନା ଆଣିବାକୁ ପ୍ରତିଶୃତି ଦିଆଯାଇଛି।

ଏଥିସହ ରାଜସ୍ଥାନରେ କଂଗ୍ରେସ ସରକାରଙ୍କ ଦ୍ୱାରା କାର୍ଯ୍ୟକାରୀ ହୋଇଥିବା ଚିରଞ୍ଜୀବୀ ଯୋଜନାରେ ୨୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ମାଗଣା ଚିକିତ୍ସା ପାଇଁ ସାରା ଦେଶରେ କ୍ୟାସ୍ ଲେସ୍ ବୀମା ଯୋଜନା କାର୍ଯ୍ୟକାରୀ ହେବ। ପରିବାରର ବୟସ୍କା ମହିଳାମାନଙ୍କୁ ମହାଲକ୍ଷ୍ମୀ ଯୋଜନା ଅନୁଯାୟୀ ବାର୍ଷିକ ୧ ଲକ୍ଷ ଟଙ୍କା ପ୍ରଦାନ କରାଯିବ ବୋଲି କଂଗ୍ରେସରେ ନିଜ ନ୍ୟାୟ ପତ୍ରରେ କହିଛି।

ଏସସି, ଏସଟି ଓ ଓବିସି ପାଇଁ ସଂରକ୍ଷଣ ସୀମାକୁ ୫୦- ପ୍ରତିଶତକୁ ବୃଦ୍ଧି କରାଯିବ। ଆର୍ଥିକ ଅନଗ୍ରସର ବର୍ଗଙ୍କ ପାଇଁ ଚାକିରି ଓ ଶିକ୍ଷା କ୍ଷେତ୍ରରେ ୧୦ ପ୍ରତିଶତ ସଂରକ୍ଷଣ ରହିବ। ଘର ନିର୍ମାଣ , ବ୍ୟବସାୟ କରିବାକୁ ଏସସି, ଏସଟି ବର୍ଗଙ୍କ ପାଇଁ ସଂସ୍ଥାଗତ ଋଣ ରାଶି ବୃଦ୍ଧି କରାଯିବ। ଓବିସି, ଏସସି, ଏସଟି ଛାତ୍ର ଛାତ୍ରୀଙ୍କ ପାଇଁ ସ୍କଲାରସିପ ରାଶିକୁ ୨ ଗୁଣା ବଢାଯିବ। ବିଶେଷ କରି ଉଚ୍ଚଶିକ୍ଷା କ୍ଷେତ୍ରରେ ଏହା ଲାଗୁ କରାଯିବ। ଗରିବ, ଓ ଏସସି ,ଏସଟି ଛାତ୍ରଛାତ୍ରୀଙ୍କ ପାଇଁ ଏକ ଆବାସିକ ବିଦ୍ୟାଳୟ ବ୍ୟବସ୍ଥାର ନେଟୱାର୍କ କରାଯିବ। ତଦନ୍ତକାରୀ ସଂସ୍ଥାର ଅପବ୍ୟବହାର ରୋକିବା ଏବଂ ପିଏମଏଲଏ ଆଇନରେ ପରିବର୍ତ୍ତନ ପାଇଁ ଘୋଷଣା କରାଯାଇଛି। କଂଗ୍ରେସର ଇସ୍ତାହାର ଦଳର ପାଞ୍ଚ ଜଣ ବିଚାରପତିଙ୍କୁ ଆଧାର କରି ପ୍ରସ୍ତୁତ ହୋଇଛି । କାମ, ଧନ ଓ କଲ୍ୟାଣ ଏହି ତିନୋଟି ଶବ୍ଦ ଉପରେ କଂଗ୍ରେସର ଘୋଷଣା ପତ୍ର ଆଧାରିତ। କାମ ଅର୍ଥ ହେଉଛି ତୁମକୁ ଚାକିରି ଦେବା ବୋଲି ମଲ୍ଲିକାର୍ଜୁନ୍ ଖଡ଼ଗେ କହିଛନ୍ତି।

# ଦୀର୍ଘାୟୁର ମନ୍ତ୍ର କହିଲେ ୧୧୧ ବର୍ଷୀୟ ବୃଦ୍ଧ




**ନୂଆଦିଲ୍ଲୀ:** ବର୍ତ୍ତମାନ ସମୟରେ ଯେଉଁପରି ଭାବେ ରୋଗ-ବ୍ୟାଧି ଗ୍ରାସ କରୁଛି ଦୀର୍ଘାୟୁ ହେବା ଏକ ପ୍ରକାର ଚ୍ୟାଲେଞ୍ଜ। ଚିକିତ୍ସାର ଅଗ୍ରଗତି ଏବଂ ବ୍ୟାପକ ସୁବିଧା ସୁଯୋଗ ସତ୍ତ୍ୱେ ଲମ୍ବା ଆୟୁଷର ଜୀବନ କ୍ୱଚିତ କାହାକୁ ମିଳିଥାଏ। ଏହି କ୍ୱଚିତ ଲୋକମାନଙ୍କ ମଧ୍ୟରୁ ଜଣେ ୧୧୧ ବର୍ଷୀୟ ବ୍ୟକ୍ତି ତାଙ୍କ ଲମ୍ବା ଆୟୁଷ ପଛର କାରଣ କହିଛନ୍ତି। ଏହି ବୟସ୍କ ବ୍ୟକ୍ତି ଜଣକ ହେଉଛନ୍ତି ଇଂଲଣ୍ଡର ବ୍ରିଟୋନ ଜନ ଟିନ୍ନିସଉଡ୍। ସେ ବର୍ତ୍ତମାନ ବିଶ୍ୱର ସବୁଠୁ ଦୀର୍ଘାୟୁ ଜୀବିତ ବ୍ୟକ୍ତି। ଲମ୍ବା ଆୟୁଷର କାରଣ ପଚରାଯିବାରୁ ସେ କହିଛନ୍ତି, 'ଦୀର୍ଘାୟୁ ହେବା ଏକ ସୌଭାଗ୍ୟ। ଏହା ପଛରେ ସେପରି କୌଣସି ନିର୍ଦ୍ଦିଷ୍ଟ କାରଣ ନାହିଁ।'

'ମୁଁ ସେପରି କୌଣସି ବିଶେଷ ଖାଦ୍ୟ ଖାଏ ନାହିଁ। ମୋର ପ୍ରିୟ ଖାଦ୍ୟ ହେଉଛି ମାଛ ଏବଂ ଚିପ୍ସ। ବଡ଼ କଥା ହେଉଛି, ଅଧିକ ଦିନ ବଞ୍ଚିବେ କି କମ୍ ଦିନ, ଏ ଉପରେ ଆପଣ କିଛି କରିପାରିବେନି।' ବିଶ୍ୱର ପରିସ୍ଥିତି ଉପରେ ପ୍ରତିକ୍ରିୟା ଦେଇ କହିଛନ୍ତି, 'ଦୁନିଆ ତା ବାଟରେ ବଦଳି ଚାଲିଛି। ଏହା ଏକ ପ୍ରକାର ନିରନ୍ତର ଅନୁଭୂତି... ଦୁନିଆ ବଦଳିଛି, କିନ୍ତୁ ସେପରି କୌଣସି ବିରାଟ ପରିବର୍ତ୍ତନ ହୋଇଯାଇନି, ସଠିକ୍ ବାଟରେ ଚାଲିଛି।' ପ୍ରକାଶ ଥାଉକି, ଟିନ୍ନିସଉଡ ଦୀର୍ଘାୟୁ ହେବାରେ ଗିନିଜ ୱାର୍ଲ୍ଡ ରେକର୍ଡ କରିଛନ୍ତି। ସେ ୧୧୪ ବର୍ଷୀୟ ଭେନିଜୁଏଲାନ ଜୁଆନ୍ ଭିସେଣ୍ଟେ ପେରେଜ୍ ମୋରାଙ୍କଠାରୁ ଗିନିଜ୍ ୱାର୍ଲ୍ଡ ରେକର୍ଡ ଟାଇଟଲ୍ ପାଇଥିଲେ। ଏହି ସପ୍ତାହରେ ପେରେଜ୍ ମୋରାଙ୍କ ମୃତ୍ୟୁ ଘଟିଥିବା ଘୋଷଣା କରାଯାଇଥିଲା।

ଟିନ୍ନିସଉଡ ୧୯୧୨ ମସିହାରେ ଉତ୍ତର ଇଂଲଣ୍ଡର ମର୍ସିସାଇଡରେ ଜନ୍ମଗ୍ରହଣ କରିଥିଲେ। ସେ ଆକାଉଣ୍ଟାଣ୍ଟ ତଥା ଡାକ ବିଭାଗରେ କାମ କରିଛନ୍ତି। ପ୍ରାୟ ଅର୍ଦ୍ଧ ଶତାବ୍ଦିରୁ ଅଧିକ ସମୟ ହେବ ଅବସର ନେଇ ସାରିଲେଣି। ବର୍ତ୍ତମାନ ତାଙ୍କୁ ୧୧୧ ବର୍ଷ ୨୨୨ ଦିନ ଚାଲିଛି। ଟିନ୍ନିସଉଡଙ୍କ ପୂର୍ବରୁ ସର୍ବ ପୁରାତନ ଜଣାଶୁଣା ବ୍ୟକ୍ତି ହେଉଛନ୍ତି ଜାପାନର ଜିରୋମୋନ କିମୁରା, ଯିଏ ୧୧୬ ବର୍ଷ ୫୪ ଦିନ ବଞ୍ଚିଥିଲେ।


# ମାଲଦ୍ୱୀପକୁ ସହଯୋଗ କରିବ ଭାରତ

**ନୂଆଦିଲ୍ଲୀ:** ମାଲଦ୍ୱୀପକୁ ସହଯୋଗ ଜାରି ରଖିବ ଭାରତ। ମାଲେରେ ଚାଇନାର ହସ୍ତକ୍ଷେପ ଯୋଗୁ ନୂଆଦିଲ୍ଲୀ ସହ ମାଲଦ୍ୱୀପର ସମ୍ପର୍କ ଭଲ ନାହିଁ। ତଥାପି ଭାରତ ମାଲଦ୍ୱୀପକୁ ସହଯୋଗର ହାତ ବଢ଼ାଇଛି। ଭାରତ ପକ୍ଷରୁ ସୀମିତ ପରିମାଣର ଜରୁରୀ ସାମଗ୍ରୀ ଯଥା ଚିନି, ଗହମ, ଚାଉଳ ଓ ପିଆଜ ମାଲଦ୍ୱୀପଙ୍କୁ ରପ୍ତାନୀ କରିବାକୁ ଅନୁମତି ଦିଆଯାଇଛି।

ଚାଉଳ, ଚିନି ଓ ପିଆଜ ରପ୍ତାନୀ କରିବାରେ ଭାରତ ସର୍ବାଗେ ରହିଥିଲା। କିନ୍ତୁ ସାଧାରଣ ନିର୍ବାଚନ ପୂର୍ବରୁ ଦେଶରେ ଏହି ସବୁ ଜରୁରୀ ସାମଗ୍ରୀର ଦାମ ନିୟନ୍ତ୍ରଣ ମଧ୍ୟରେ ରଖିବାକୁ କେନ୍ଦ୍ର ସରକାର ରପ୍ତାନୀ ଉପରେ ଏକାଧିକ କଟକଣା ଲଗାଇଥିଲେ। ଏବେ ସୀମିତ ପରିମାଣ ରପ୍ତାନୀ ମାଲଦ୍ୱୀପକୁ କରିବା ପାଇଁ ଭାରତ ସରକାର ଅନୁମତି ଦେଇଛନ୍ତି। ସରକାର ଗୋଟିଏ ବିଜ୍ଞପ୍ତିରେ କହିଛନ୍ତି, "ଏହି ସବୁ ସାମଗ୍ରୀ ୨୦୨୪/୨୫ ଆର୍ଥିକ ବର୍ଷ ଅର୍ଥାତ ଏପ୍ରିଲ ୧ରୁ ମାଲଦ୍ୱୀପକୁ ରପ୍ତାନୀ ହେବ। ଏହା ଉପରେ କୌଣସି ପ୍ରକାରର କଟକଣା ରହିବ ନାହିଁ।" ମାଲଦ୍ୱୀପକୁ ୧୨୪, ୨୧୮ ମେଟ୍ରିକ ଟନ ଚାଉଳ, ୧୦୯,୧୬୨ ଟନ ଗହମ, ୬୪,୪୯୪ ଟନ ଚିନି, ୨୧,୫୧୩ ଟନ ଆଳୁ, ୩୫,୭୪୯ ଟନ ପିଆଜ ଓ ୪୨୭.୫ ମିଲିୟନ ଅଣ୍ଡା ରପ୍ତାନୀ କରାଯିବ। ଏହାବାଦ ୧ ମିଲିୟନ ଟନ ଲେଖାଏ ପଥର ଜିନିଷ ଓ ନଦୀ ବାଲି ମଧ୍ୟ ଭାରତ ପଡ଼ୋଶୀ ମାଲଦ୍ୱୀପକୁ ପଠାଇବ। ମାଲଦ୍ୱୀପ ଏକଦା ଭାରତର ଭଲ ବନ୍ଧୁ ଥିଲା। କିନ୍ତୁ ନୂଆ ରାଷ୍ଟ୍ରପତି ମହମ୍ମଦ ମୁଇଜୁ ଆସିବା ପରେ ମାଲେ ଅନ୍ୟତମ ପଡ଼ୋଶୀ ଚାଇନା ଆଡ଼କୁ ଢଳିଛି।

# ଜୀବନ ସୁଖମୟ କରିବାକୁ ନେବାକୁ ପଡ଼ିବ ସ୍ୱାସ୍ଥ୍ୟର ଯତ୍ନ

କଥାରେ ଅଛି 'ସ୍ୱାସ୍ଥ୍ୟ ହିଁ ସମ୍ପଦ'। ସୁସ୍ୱାସ୍ଥ୍ୟ ଜଣେ ବ୍ୟକ୍ତିଙ୍କ ପାଇଁ ସମ୍ପଦ ତୁଲ୍ୟ। ଏଥିପାଇଁ ସର୍ବଦା ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ରହିବାର ଆବଶ୍ୟକତା ରହିଛି। ଏହି ଆବଶ୍ୟକତାକୁ ହୃଦୟଙ୍ଗମ କରି ଡବ୍ଲ୍ୟୁଏଚଓ (ୱାର୍ଲ୍ଡ ହେଲଥ୍ ଅର୍ଗାନାଇଜେସନ୍) ସ୍ୱାସ୍ଥ୍ୟ ବିଷୟରେ ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ




ପ୍ରତିବର୍ଷ ଏପ୍ରିଲ ୭କୁ ବିଶ୍ୱ ସ୍ୱାସ୍ଥ୍ୟ ଦିବସ ରୂପେ ପାଳନ କରିବାକୁ ଘୋଷଣା କରିଛି। ଏହି ଦିନ, ସ୍ୱାସ୍ଥ୍ୟ ଅନୁଷ୍ଠାନଗୁଡିକ ଲୋକଙ୍କୁ ସେମିନାର ଏବଂ ବିଜ୍ଞାପନ ଜରିଆରେ ନିରୋଗ ଜୀବନ ପାଇଁ ସୁସ୍ଥ ରହିବାର ମହତ୍ତ୍ୱ ବାବଦରେ ବୁଝାଇଥାନ୍ତି। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ମଧ୍ୟ ନୂତନ ଟିକା ଏବଂ ଔଷଧର ଉଦ୍ଭାବନ ବିଷୟରେ ସୂଚନା ଦେଇଥାଏ।

**ବିଶ୍ୱ ସ୍ୱାସ୍ଥ୍ୟ ଦିବସର ଇତିହାସ**

ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (WHO) ସହ ୧୯୪୮ ମସିହାରେ ବିଶ୍ୱ ସ୍ୱାସ୍ଥ୍ୟ ଦିବସର ମୂଳଦୁଆ ପଡିଥିଲା। ବିଶ୍ୱର ଅନେକ ଦେଶ ମିଳିତ ଭାବରେ ସ୍ୱାସ୍ଥ୍ୟକୁ ପ୍ରୋତ୍ସାହିତ କରିବା ଏବଂ ଲୋକଙ୍କୁ ଗୁରୁତର ରୋଗରୁ ସୁରକ୍ଷିତ ରଖିବା ପାଇଁ ନିଷ୍ପତ୍ତି ନେଇଥିଲେ। ଏହା ପ୍ରତିଷ୍ଠା ହେବାର ଦୁଇ ବର୍ଷ ପରେ ୧୯୫୦ରେ ପ୍ରଥମ ଥର ପାଇଁ ବିଶ୍ୱ ସ୍ୱାସ୍ଥ୍ୟ ଦିବସ ପାଳନ କରାଯାଇଥିଲା।

**ବିଶ୍ୱ ସ୍ୱାସ୍ଥ୍ୟ ଦିବସ ବିଷୟବସ୍ତୁ**

ପ୍ରତିବର୍ଷ ଏକ ବିଷୟବସ୍ତୁ ବା ଥିମ୍ ଆଧାରରେ ବିଶ୍ୱ ସ୍ୱାସ୍ଥ୍ୟ ଦିବସ ପାଳନ କରାଯାଏ। ଚଳିତ ବର୍ଷର ବିଷୟବସ୍ତୁ 'My Health, My Right' ରଖାଯାଇଛି। ଏହାର ଅର୍ଥ 'ମୋ ସ୍ୱାସ୍ଥ୍ୟ, ମୋ ଅଧିକାର'। ଏହି ଥିମ୍ ମାଧ୍ୟରେ ଲୋକଙ୍କୁ ସ୍ୱାସ୍ଥ୍ୟ ସେବା ପାଇବାର ମୌଳିକ ଅଧିକାର ବାବଦରେ ଅବଗତ କରାଇବ। ପ୍ରତିଟି ବ୍ୟକ୍ତି କିପରି କୌଣସି ଆର୍ଥିକ ପ୍ରତିବନ୍ଧକ ବିନା ସ୍ୱାସ୍ଥ୍ୟ ସେବା ପାଇବାକୁ ସକ୍ଷମ ହେବେ ତାହା ହେଉଛି ମୁଖ୍ୟ ଉଦ୍ଦେଶ୍ୟ।



# ଦେଶର ଟପ୍ ୨୩ ସଫଳ ମହିଳାଙ୍କ ଭିତରେ ଆଦିବାସୀ ଝିଅ ଜୟନ୍ତୀ

ଭୁବନେଶ୍ୱର: ଦେଶର ଟପ୍ ସଫଳ ୨୩ ମହିଳାଙ୍କ ଭିତରେ ଅଛନ୍ତି ଆଦିବାସୀ ଝିଅ ଜୟନ୍ତୀ। ଅନ୍ତର୍ଜାତିୟ ମାଗାଜିନ୍ Forbes ତାଲିକାରେ ସେ ପାଇଛନ୍ତି ସ୍ଥାନ।ସାରା ବିଶ୍ୱ ଦେଖିଲା ଜୟନ୍ତୀଙ୍କ ସଫଳ ଗାଥା। Forbes ମାଗାଜିନ୍‌ରେ ଫଟୋ ବାହାରିବା ପରେ ତାଙ୍କ ପାଖକୁ ଛୁଟୁଛି ଶୁଭେଚ୍ଛାର ସୁଅ। ସେପଟେ ଦେଶର ଟପ୍ ? ସଫଳ ମହିଳାଙ୍କ ଭିତରେ ଜୟନ୍ତୀ ଥିବାରୁ ମାଲକାନଗିରିରେ ଖୁସିର ଲହରୀ ଖେଳି ଯାଇଛି।

ମାଲକାନଗିରିର ଆଦିବାସୀ ଝିଅ ଜୟନ୍ତୀ ବୁରୁଦା। ଗାଁ ସ୍କୁଲରେ ପାଠ ପଢ଼ା ସରିବା ପରେ ମାଲକାନ୍‌ଗିରି ଗ୍ରାଜୁଏସନ୍ ପାସ୍ କରିଥିଲେ। ତା'ପରେ କୋରାପୁଟ୍ ଚାଲି ଯାଇଥିଲେ। ସେ Central Universityରେ ନାଁ ଲେଖାଇଥିଲେ। ସେଠାରୁ ସାମ୍ବାଦିକ ଓ ଗଣ ଯୋଗାଯୋଗ ବିଭାଗରେ ଏମ୍‌ଏ ପାସ୍ କରିଥିଲେ। ତା'ପରେ ସାମ୍ବାଦିକତା କରିବା ଆରମ୍ଭ କରିଥିଲେ। ବଣ ଜଙ୍ଗଲ



ଘେରା ବଣ୍ଡା ଘାଟି, ମୁଦୁଲିପଡ଼ା ଓ ନକ୍ସଲ ପ୍ରବଣ କାଲିମେଲା, ମାଥିଲି ଅଞ୍ଚଳରେ ରିପୋର୍ଟିଂ କରୁଥିଲେ। ଯେଉଁଥିପାଇଁ ତାଙ୍କୁ ଘଡଗଓ (Network of Woman in Media India) ତରଫରୁ ଫେଲୋସିପ୍ ପ୍ରଦାନ କରାଯାଇଥିଲା। ରିପୋର୍ଟିଂ ସମୟରେ ସେ ନିଜ ସମ୍ପ୍ରଦାୟର ଗରିବ ଆଦିବାସୀ ମହିଳା ଓ ଯୁବତୀଙ୍କୁ ପାଖରୁ ଦେଖିଥିଲେ। ଋତୁସ୍ରାବ ନେଇ ସେମାନଙ୍କ ଦୁଃଖ ଓ ଯନ୍ତ୍ରଣାକୁ ମର୍ମେ ମର୍ମେ ଅନୁଭବ କରୁଥିଲେ ଜୟନ୍ତୀ। ତେଣୁ ସେମାନଙ୍କ ଦୁଃଖ ଦୂର କରିବା ପାଇଁ ଉଦ୍ୟମ ଆରମ୍ଭ କରିଥିଲେ। ଆଉ ଆରମ୍ଭ କରିଥିଲେ 'ବଡ଼ ଦିଦି' ଅଭିଯାନ।

ସାମ୍ବାଦିକତା ଚାକିରି ଛାଡ଼ି ସମାଜ ସେବା ପ୍ରତି ମନ ବଳାଇଲେ ଜୟନ୍ତୀ ବୁରୁଦା। 'ବଡ଼ ଦିଦି' ମାଧ୍ୟମରେ ଗାଁ ଗାଁରେ ଋତୁସ୍ରାବ, ଗୁଡ୍ ଟଚ୍, ବ୍ୟାଡ୍ ଟଚ୍ ସମ୍ପର୍କରେ ସଚେତନତା କରାଇଉଛନ୍ତି। ଋତୁସ୍ରାବ ପାପ ନୁହେଁ ବୋଲି ଆଦିବାସୀ ଯୁବତୀମାନଙ୍କୁ ବୁଝାଉଛନ୍ତି। ପ୍ୟାଡ୍ ବ୍ୟବହାର କରିବାକୁ ପରାମର୍ଶ ଦେଉଛନ୍ତି। ଜୟନ୍ତୀଙ୍କ 'ବଡ଼ ଦିଦି' ଅଭିଯାନ ୨୦ ଜଣ ଝିଅଙ୍କୁ ନେଇ ଆରମ୍ଭ କରିଥିଲେ। ବର୍ତ୍ତମାନ ୧୦୦ରୁ ଅଧିକ ସ୍ୱେଚ୍ଛାସେବୀ (ଯୁବତୀ) ସେଥିରେ କାମ କରୁଛନ୍ତି। ସ୍ୱେଚ୍ଛାସେବୀ ଦୁର୍ଗମ ଅଞ୍ଚଳକୁ ଯାଉଛନ୍ତି। ମହିଳାଙ୍କ ସ୍ୱାସ୍ଥ୍ୟ ସମ୍ପର୍କରେ ବୁଝାଉଛନ୍ତି। ଆବଶ୍ୟକ ପଡ଼ିଲେ ପ୍ୟାଡ୍ ? ପ୍ରଦାନ କରୁଛନ୍ତି। ଗତ ୬ ବର୍ଷ ହେଲା ଜଣେ ବଡ଼ ଭଉଣୀ ହିସାବରେ ଜୟନ୍ତୀ ଗାଁକୁ ଗାଁ ଯାଉଛନ୍ତି। ଯୁବତୀମାନଙ୍କ ସୁଖ ଓ ଦୁଃଖ ବେଳେ ସାଥୀରେ ଛିଡ଼ା ହେଉଛନ୍ତି।

ଜୟନ୍ତୀ କହିଛନ୍ତି, ବଡ ଦିଦି ମାଧ୍ୟମରେ ପ୍ୟାଡ୍ ବ୍ୟାଙ୍କ ଆରମ୍ଭ କରାଯାଇଛି। ବଣ୍ଡା ଘାଟିର ବଡ଼ବେଲ୍ ଗାଁ, କାଲିମେଲାର ଜାକେଲ୍‌କୁଣ୍ଡି ଓ ମାଲକାନଗିରି ସଦର ମହକୁମାରେ ପ୍ୟାଡ୍ ବ୍ୟାଙ୍କ ଖୋଲା ଯାଇଛି। ସେଠାରେ ପର୍ଯ୍ୟାପ୍ତ ପରିମାଣର ପ୍ୟାଡ୍ ରଖାଯାଉଛି। ଆଉ ଋତୁସ୍ରାବ ସମୟରେ ଝିଅମାନେ ସେଠାରୁ ପ୍ୟାଡ୍ ନେଇ ବ୍ୟବହାର କରୁଛନ୍ତି। ବେଙ୍ଗାଲୁରୁ ବି' ଫ୍ରେଣ୍ଡ ଫାଉଣ୍ଡେସନ୍ ତରଫରୁ ଆମକୁ ୨୦୦ ପ୍ୟାଡ୍ ଯୋଗାଇ ଦିଆଯାଉଛି। ସେହି ପ୍ୟାଡ୍‌କୁ ୩ଟି ସ୍ଥାନରେ ରଖାଯାଇଛି। ଆଉ ଯଦି କୌଣସି ବ୍ୟକ୍ତି ସହାୟତା କରନ୍ତି, ତାହାହେଲେ ଆଗକୁ ଅନ୍ୟ ସ୍ଥାନରେ ପ୍ୟାଡ୍ ବ୍ୟାଙ୍କ ଖୋଲାଯିବ ବୋଲି ଜୟନ୍ତୀ କହିଛନ୍ତି।

ଜୟନ୍ତୀଙ୍କ ଏହି ସଫଳତାର ଗାଥା ଦେଖିଛି ଓ ପଢ଼ିଛି ବିଶ୍ୱ। ସେଥିପାଇଁ ତାଙ୍କୁ ଫୋବର୍ସ ନିଜ ମାଗାଜିନ୍‌ରେ ସ୍ଥାନ ଦେଇଛି। ଦେଶର ୨୩ ଜଣ ସଫଳ ମହିଳାଙ୍କ ଭିତରେ ସ୍ଥାନ ପାଇଛନ୍ତି ଜୟନ୍ତୀ। ସେହି ତାଲିକାରେ ବିଶ୍ୱ ବ୍ୟାଙ୍କ MD ଓ CFO ଅନଶୁଳା କାନ୍ତ, କ୍ରିକେଟର ଦୀପ୍ତି ଶର୍ମା, ହିନ୍ଦୀ ଚଳଚ୍ଚିତ୍ର ଅଭିନେତ୍ରୀ କ୍ରିତି ସାନନ ଓ ଚେସ୍ ଗ୍ରାଣ୍ଡମାଷ୍ଟର ଆର୍ ବୈଶାଲୀଙ୍କ ଭଳି ୨୩ ଜଣ ଶକ୍ତିଶାଳୀ ମହିଳା ସ୍ଥାନ ପାଇଛନ୍ତି।

# ବୃକ୍ଷଶୂନ୍ୟ ସୋମପଡ଼ା-ବଡ଼ବନ୍ଧିଆଣୀ-ଖଣ୍ଡହତା ରାସ୍ତା

ତିଗିରିଆ: ତିଗିରିଆ ବ୍ଲକ ସୋମପଡ଼ା ଗ୍ରାମଠାରୁ ଖଣ୍ଡହତା ଗ୍ରାମ ପର୍ଯ୍ୟନ୍ତ ସଂଯୁକ୍ତ ପ୍ରାୟ ୫ କିମିର ଗ୍ରାମ ଉନ୍ନୟନ ବିଭାଗ ରାସ୍ତାଟି ସମ୍ପୂର୍ଣ୍ଣ ବୃକ୍ଷଶୂନ୍ୟ ହୋଇପଡ଼ିଛି। ଜନବସତି ଶୂନ୍ୟ ଏହି ରାସ୍ତାର ପଥଯାତ୍ରୀଙ୍କ ପାଇଁ ଖରାଦିନିଆ ତାତି ଅସହ୍ୟ ହୋଇ ପଡୁଛି। ରାସ୍ତାଟି ସମ୍ପୂର୍ଣ୍ଣ ବନ୍ୟାଞ୍ଚଳରେ ରହିଛି ଏବଂ ଏହା ମହାନଦୀ କୂଳବର୍ତ୍ତୀ ପଞ୍ଚାୟତଗୁଡ଼ିକୁ ବ୍ଲକ ସଦର ମହକୁମାକୁ ସଂଯୋଗ କରିଛି। ଏପରି ସ୍ଥଳେ ରାସ୍ତାଟି ବୃକ୍ଷଶୂନ୍ୟ ଯୋଗୁ ପ୍ରଚଣ୍ଡ ଖରା ତାତି ସମୟରେ ଯାତାୟାତ କରୁଥିବା ହଜାର ହଜାର ଚାଷୀ, ଛାତ୍ରଛାତ୍ରୀଙ୍କ ସହିତ ଅନ୍ୟାନ୍ୟ ବାଟୋଇଙ୍କ ପାଇଁ ଦୁର୍ବିସହ ହୋଇ ପଡୁଛି। ଗୋଟିଏ ପଟେ ରାସ୍ତାଟି ଜନବସତି ଶୂନ୍ୟ ହୋଇଥିବା ବେଳେ ଅନ୍ୟ ପଟେ ବୃକ୍ଷଶୂନ୍ୟ। କୌଣସି ପଥଯାତ୍ରୀ ଅଂଶୁଘାତର ଶିକାର ହେଲେ



କିମ୍ବା ତାତି ବେଳେ ସାମାନ୍ୟ ବିଶ୍ରାମ ପାଇଁ ଗଛ ଛାଇ ଟିକେ ପାଇବା ସମ୍ଭବ ନୁହେଁ। ବିଗତ ବର୍ଷରେ ଉକ୍ତ ରାସ୍ତାଟିର ଉଭୟ ପାର୍ଶ୍ୱରେ ଅନେକ ଜଙ୍ଗଲୀ ବୃକ୍ଷ ରହିଥିଲା। ବର୍ଷାନୁକ୍ରମେ ରାସ୍ତାଟିର ନବୀକରଣ ସମୟରେ ଶହଶହ ବୃକ୍ଷ କଟାଯାଇଥିଲେ ମଧ୍ୟ ପରବର୍ତ୍ତୀ ସମୟରେ ସାନି ବୃକ୍ଷ ରୋପଣ କରାଯାଇ ନାହିଁ। ଏଣୁ ଏବେ ଉକ୍ତ ରାସ୍ତାଟି ସମ୍ପୂର୍ଣ୍ଣ ବୃକ୍ଷଶୂନ୍ୟ ହୋଇପଡ଼ିଛି। ରାଜ୍ୟ ସରକାରଙ୍କ ବନ ବିଭାଗ ପକ୍ଷରୁ ବିଭିନ୍ନ ରାସ୍ତା ଏବଂ ଟାଙ୍ଗରା ସରକାରୀ ସ୍ଥାନକୁ ବୃକ୍ଷ ରୋପଣ କରାଯିବାକୁ ଲକ୍ଷ ଲକ୍ଷ ଟଙ୍କାର ଅନୁଦାନ ବିନିଯୋଗ କରାଯାଉଥିବା ବେଳେ ଉକ୍ତ ରାସ୍ତାଟି ଏଥିରୁ ବାଦ୍ ପଡ଼ିଥିବା ଦେଖିବାକୁ ମିଳିଛି। ଉଲ୍ଲେଖ ଯୋଗ୍ୟ ଉକ୍ତ ରାସ୍ତାର ଠିକ୍ ମଧ୍ୟବର୍ତ୍ତୀ ସ୍ଥାନରେ ତିଗିରିଆର ଆରାଧ୍ୟା ମା ବଡ ବନ୍ଧିଆଣିଙ୍କ ପୀଠ ରହିଛି।

ଏଣୁ ବିଭିନ୍ନ ପୂର୍ଣ୍ୟ ପର୍ବରେ ଶ୍ରଦ୍ଧାଳୁମାନେ ଏହି ରାସ୍ତାରେ ଦେବୀଙ୍କ ପୀଠକୁ ଯାତାୟାତ କରିଥାନ୍ତି। ବିଶେଷ କରି ତିଗିରିଆ ଗଡ଼କୁ ପ୍ରତ୍ୟହ ନଦୀ କୂଳ ଅଞ୍ଚଳର ବହୁ ଚାଷୀ ଏବଂ ଶହଶହ କଲେଜ ପଢୁଆ ଛାତ୍ରଛାତ୍ରୀ ସାଇକେଲ ଯୋଗେ ଏହି ରାସ୍ତାରେ ଯାତାୟାତ କରିଥାନ୍ତି। ତେଣୁ ଯିବା ଆସିବ ବେଳେ ସାମାନ୍ୟ ଥକା ମାରିବା ପାଇଁ ରାସ୍ତା କଡ଼ରେ ବୃକ୍ଷ କିମ୍ବା ଘରଟିଏ ମିଳିବା ସମ୍ଭବ ନୁହେଁ। ଏଣୁ ଉକ୍ତ ସମସ୍ୟାକୁ ଦୃଷ୍ଟିରେ ରଖି ରାସ୍ତାର ଉଭୟ ପାର୍ଶ୍ୱକୁ ବନୀକରଣ କରାଯିବାକୁ ସ୍ଥାନୀୟ ଜନସାଧାରଣରେ ଦାବି ହେଉଛି।

# ମାଟି ଦବି ଯିବାରୁ ଯାତାୟାତ ବାଧାପ୍ରାପ୍ତ

ଚାରିଛକ (ନିପ୍ର): ପୁରୀ ଜିଲ୍ଲା ଚାରିଛକ ଥାନା ଅନ୍ତର୍ଗତ ଛଣିଜଙ୍ଗ ପଞ୍ଚାୟତର ଛଣିଜଙ୍ଗ ଛକରୁ ବାଲୁଙ୍କ ରାସ୍ତାର ବାଟ ମଙ୍ଗଳାଠାରେ ଥିବା ବ୍ରିଜ ଭାଙ୍ଗି ତାର ପାର୍ଶ୍ୱରେ ଅସ୍ଥାୟୀ ମାଟି ରାସ୍ତା ନିମ୍ନମାନର ହୋଇଥିଲା। ଯାହା ଫଳରେ ଅସରାଏ ବର୍ଷାରେ ସେହି ରାସ୍ତା ଦବି ଯିବାରୁ ସେହି ବାଟରେ ଯାଉଥିବା ବାଟୋଇ ନାହିଁ ନଥିବା ଅସୁବିଧାରେ ସମ୍ମୁଖୀନ ହେଉଛନ୍ତି ବୋଲି ଦେଖିବାକୁ ମିଳିଛି । ସରକାର ନିୟମ ଅନୁସାରେ ଯେଉଁଠି ସବୁ ବ୍ରିଜ କନଭେଟ କାମ ହୁଏ ତାର ସାଇଟିରେ ଏକ ବାଇପାସ ରାସ୍ତାରେ ମାଟି ସହିତ ବାଲି ମୋରମ ପକାଇ ରୋଲର ଚଲାଇ ରାସ୍ତା ନିର୍ମାଣ କରିବା ନିୟମ ଥିବା ବେଳେ ଠିକାଦାର ତାର ମନ ଇଚ୍ଛାରେ ନରମା କାଦୁଆମାଟିକୁ ତରବରିଆ ଭାବେ ପକାଇ ଅସ୍ଥାୟୀ ରାସ୍ତା କରିଥିବା ଅଞ୍ଚଳରେ ଅଭିଯୋଗ ହୋଇଛି । ଯାହା ଫଳରେ ଅସରାଏ ବର୍ଷାରେ ସେହି ନରମ ମାଟି ରାସ୍ତା ଦବି ଫାଟି ଯାଇ କାଦୁଅ ହୋଇ ଖାଲ ସୃଷ୍ଟି ହୋଇଛି ବୋଲି ଅଞ୍ଚଳ ଲୋକ ଅଭିଯୋଗ କରିଛନ୍ତି। ସେହି ରାସ୍ତା ଦେଇ ଦୈନ୍ୟଦିନ ଛଣିଜଙ୍ଗ, ବାହାରଣା ଦେଉଳୀ, ବିର୍ତ୍ତୁଙ୍ଗ ପଞ୍ଚାୟତର ପ୍ରାୟ ୩୦ରୁ ଉର୍ଦ୍ଧ୍ୱ ଗ୍ରାମର ଲୋକ ଯାତାୟତ କରିଥାନ୍ତି। ବିଶେଷ ଭାବେ ଖୋରଡ଼, ବାଲୁଙ୍କ, ଅଟେଇହୁଡା, ଖୁଲିସ, ଦିନଇଲୋ ପ୍ରମୁଖ ଗ୍ରାମମାନଙ୍କୁ ରୋଗୀ ନେବାକୁ ଆସୁଥିବା ୧୦୮ ଗାଡି ଆସୁପାରୁନାହିଁ। ଯାହା ଫଳରେ ସାଧାରଣ ଲୋକ ସହିତ ରୋଗୀ, ପାଠ ପଢିବା ପାଇଁ ଯାଉଥିବା ଛାତ୍ରଛାତ୍ରୀ ଯିବାରେ ବାଧା ସୃଷ୍ଟି କରିଛି । ଏହି ଅସ୍ଥାୟୀ ରାସ୍ତା ଉପରେ ନାଳି ମୋରମ ସହିତ ବାଲି ପକାଇବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି ।

# ଆକର୍ଷଣ ହରାଉଛି ଐତିହାସିକ ବରୁଣେଇ ପାହାଡ଼

**ଭୁବନେଶ୍ୱର:** ଶୁଖିଗଲାଣି ଝରଣା। ପତଳା ହେଇଚାଲିଛି ଜଙ୍ଗଲ। ଆକର୍ଷଣ ହରାଉଛି ଖୋର୍ଦ୍ଧାର ଐତିହାସିକ ପର୍ଯ୍ୟଟନସ୍ଥଳୀ ବରୁଣେଇ ପାହାଡ଼। କାଠ ମାଫିଆଙ୍କ ପ୍ରାଦୁର୍ଭାବରୁ ଦିନକୁ ଦିନ ଜଙ୍ଗଲ ନଷ୍ଟ ହେବା ସହ ପାହାଡ଼ ଚତୁର୍ପାଶ୍ୱରେ ଦିନକୁ ଦିନ ଗଢ଼ି ଉଠୁଥିବା ନୂଆ ନୂଆ ଶିଳ୍ପ ସଂସ୍ଥା ବରୁଣେଇକୁ ସଙ୍କଟଗ୍ରସ୍ତ କରି ପକାଉଥିବା ଅଭିଯୋଗ ହେଉଛି। ତେଣୁ ଯଥାଶୀଘ୍ର ବରୁଣେଇର ସୁରକ୍ଷା ପ୍ରତି ଦୃଷ୍ଟି ଦିଆନଗଲେ ସ୍ଥିତି ବିଗିଡ଼ି ଯିବାର ଆଶଙ୍କାକୁ ନେଇ ଉଦବେଗ ପ୍ରକାଶ କରିଛନ୍ତି ସ୍ଥାନୀୟ ଲୋକ ଓ ପର୍ଯ୍ୟଟକ।

ଐତିହାସିକ ବରୁଣେଇ ପାହାଡ଼। ମା ବରୁଣେଇଙ୍କ ପୀଠ। ଭାରତର ପ୍ରଥମ ସ୍ୱାଧୀନତା ସଂଗ୍ରାମ କୁହାଯାଉଥିବା ପାଇକ ବିଦ୍ରୋହର ଅନ୍ୟତମ ଏନ୍ତୁଡ଼ିଶାଳ। ଘଞ୍ଚ ଜଙ୍ଗଲ, ଚିରସ୍ରୋତା ଝରଣା, ସୌମ୍ୟ ସୁନ୍ଦର ଶୀତଳ ପରିବେଶ ଏହାର ପ୍ରମୁଖ ଆକର୍ଷଣ। ଖାସ୍ ଏଇଥିପାଇଁ ଚିତ୍ତ ବିନୋଦନ ପାଇଁ ରାଜ୍ୟ ତଥା ରାଜ୍ୟ ବାହାରର ପର୍ଯ୍ୟଟକ ବର୍ଷକ ବାର ମାସ ଧାଇଁ ଆସନ୍ତି ଏହି ପୀଠକୁ। ହେଲେ ପରିତାପର ବିଷୟ ଧୀରେ ଧୀରେ ହତଶିରି ହେବାରେ ଲାଗିଛି ବରୁଣେଇ ପାହାଡ଼।

ବିବିଧ ବୃକ୍ଷଲତାରେ ଭରା ଏ ଜଙ୍ଗଲ ପତଳା ହେଲାଣି, ପାହାଡ଼ ଉପରୁ ପ୍ରଖର ବେଗରେ ବୋହୁଥିବା ଚିରସ୍ରୋତା ଝରଣା ଶୁଖିଗଲାଣି। ଏମିତିକି ପାହାଡ଼ ଉପରେ ବିରାଜିତ ମା ବରୁଣେଇ ଓ କରୁଣେଙ୍କ ପାଦ ସ୍ପର୍ଶ କରି ଯେଉଁ ଝର ଝରି ଯାଉଥିଲା ତାହା ବି ପ୍ରାୟ ୩-୪ ବର୍ଷ ହେଲା ବନ୍ଦ ହୋଇଯାଇଛି। ଗୋଟିଏ ପଟେ ପୀଠର ଉନ୍ନତି ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରାଯାଉଥିବା କୁହାଯାଉଛି, ହେଲେ ବର୍ତ୍ତମାନ ପୀଠର ଏ ବାସ୍ତବ ସ୍ଥିତି ସ୍ଥାନୀୟ ଲୋକ ଓ ପର୍ଯ୍ୟଟକଙ୍କୁ ନିରାଶ କରୁଛି।

ପାଇକ ବିଦ୍ରୋହର ସ୍ମୃତିକୁ ତାଜା ରଖିବା ପାଇଁ ଏହାରି ପାଦଦେଶରେ ପାଇକ ବିଦ୍ରୋହ ସ୍ମାରକୀ ପାଇଁ ଡିସେମ୍ବର ୨୦୧୮ରୁ ଶିଳାନ୍ୟାସ ହୋଇ ସାରିଛି। କାମ କେତେ ଆଗେଇଛି ନ ଆଗେଇଛି ତାହା ତ ଭିନ୍ନ କଥା। ହେଲେ ଏପଟେ କିନ୍ତୁ ବିଭିନ୍ନ କାରଣ ପାଇଁ ଆକର୍ଷଣ ହରାଇ ଚାଲିଛି ବରୁଣେଇ। ତାର ପ୍ରମୁଖ କାରଣ କାଠ ମାଫିଆଙ୍କ ପ୍ରାଦୁର୍ଭାବ। ଫନି ବାତ୍ୟାରେ ଜଙ୍ଗଲର ଯାହା କ୍ଷତି ନହୋଇଥିଲା କାଠ ମାଫିଆଙ୍କ ଅବାଧ ଗଛକଟା ପାଇଁ ଶ୍ରୀହିନ ହେବାରେ ବରୁଣେଇର ଘଞ୍ଚ ଜଙ୍ଗଲ।






# ଏଲଗାର ପରିଷଦ ମାମଲାରେ ଶୋମା ସେନଙ୍କୁ ମିଳିଲା ଜାମିନ୍

**ନୂଆଦିଲ୍ଲୀ:** ନାଗପୁର ବିଶ୍ୱ ବିଦ୍ୟାଳୟର ପୂର୍ବତନ ପ୍ରଫେସର ଶୋମା କାନ୍ତି ସେନଙ୍କୁ ଏଲଗାର ପରିଷଦ ମାମଲାରେ ଜାମିନ ମିଳିଛି । ଦେଶର ସର୍ବୋଚ୍ଚ ଅଦାଲତ ତାଙ୍କୁ ଜାମିନ ପ୍ରଦାନ କରିଛନ୍ତି । ଜଷ୍ଟିସ ଅନିରୁଦ୍ଧ ବୋଷ ଓ ଜଷ୍ଟିସ ଅଗଷ୍ଟାଇନ ଜର୍ଜ ମସିହଙ୍କ ଖଣ୍ଡପୀଠ ବେଲ ଦେବା ବେଳେ ଏକାଧିକ ସର୍ତ୍ତ ଲାଗୁ କରିଛନ୍ତି । ସର୍ବୋଚ୍ଚ ଅଦାଲତ ଜାମିନ ଦେବା ବେଳେ କହିଛନ୍ତି ଯେ ଶୋମା ସ୍ୱତନ୍ତ୍ର କୋର୍ଟଙ୍କ ବିନା ଅନୁମତିରେ ମହାରାଷ୍ଟ୍ର ବାହାରକୁ ଯାଇପାରିବେ ନାହିଁ । ସେହିପରି ସେ କୋର୍ଟରେ ନିଜର ପାସପୋର୍ଟ ଦାଖଲ କରିବେ, ଏନଆଇଏକୁ ନିଜର ଘର ଠିକଣା ଦେବେ ।

ଏନଆଇଏକୁ ସେ ଦେବାକୁ ଥିବା ମୋବାଇଲକୁ କେବେ ବନ୍ଦ କରିବେ ନାହିଁ । ସବୁବେଳେ ସେ ଚାର୍ଜ ଫୁଲ ରଖିବେ । ଶୋମା ତାଙ୍କ ମୋବାଇଲ ଫୋନର ଜିପିଏସ୍ ଅନ କରି ରଖିବେ । ତାଙ୍କ ଲୋକେସନ ଜାଣିବା ପାଇଁ ଏହା ଏନଆଇଏର ଅଧିକାରୀଙ୍କ ମୋବାଇଲ ଫୋନ ସହ କନେକ୍ଟ ହୋଇ ରହିବ ବୋଲି ସର୍ବୋଚ୍ଚ ଅଦାଲତ କହିଛନ୍ତି । ନାଗପୁର ବିଶ୍ୱବିଦ୍ୟାଳୟରେ ଇଂରାଜୀ ପ୍ରଫେସର ଥିଲେ । ସେ ମହିଳା ଅଧିକାର ପାଇଁ ଲଢ଼େଇ କରନ୍ତି । ୨୦୧୭ ମସିହା ଡିସେମ୍ବର ୩୧ରେ ପୁଣେର ଶନିୱାରୱାଧା ଠାରେ ଏଲଗାର ପରିଷଦ ପକ୍ଷରୁ ସଭାର ଆୟୋଜନ କରାଯାଇଥିଲା । ଏହି ସମୟରେ ସେ ବିଦ୍ୱେଷ ସୃଷ୍ଟି କରିବା ଭଳି ଭାଷଣ ଦେଇଥିବା ଅଭିଯୋଗ ହୋଇଥିଲା । ଏଥିପାଇଁ ତାଙ୍କୁ ଗିରଫ କରାଯାଇଥିଲା । ଶୋମାଙ୍କ ଭାଷଣ ଯୋଗୁ କୋରେଗାଓଁ-ଭୀମା ଯୁଦ୍ଧ ସ୍ମାରକୀ ନିକଟରେ ହିଂସାକାଣ୍ଡ ଘଟିଥିଲା ବୋଲି ଅଭିଯୋଗ ହୋଇଥିଲା । ପରବର୍ତ୍ତୀ ଅବସ୍ଥାରେ ଏନଆଇଏ ଘଟଣାର ତଦନ୍ତ କରିଥିଲା । ଘଟଣାରେ ଅନେକ ସ୍ୱେଚ୍ଛାସେବୀ ଓ ମେଧାବୀମାନଙ୍କୁ ଅଭିଯୁକ୍ତ ଦର୍ଶାଇ ଗିରଫ କରାଯାଇଥିଲା ।

# ଅଲଗା ହେବା ପରେ ବି ଲିଭ ଇନ୍ ପାର୍ଟନର ପାଇବେ କ୍ଷତିପୂରଣ

**ନୂଆଦିଲ୍ଲୀ:** ଲିଭ ଇନ୍‌ରେ ରହି ପରେ ଅଲଗା ହୋଇଯାଉଥିବା ଘଟଣାରେ ମଧ୍ୟପ୍ରଦେଶ ହାଇକୋର୍ଟ ବଡ଼ ନିର୍ଦ୍ଦେଶ ଦେଇଛନ୍ତି । ଲିଭ ଇନ୍‌ରେ ଦୀର୍ଘ ବର୍ଷ ଧରି ରହୁଥିବା ମହିଳାଙ୍କ ଅଧିକାରକୁ ସୁନିଶ୍ଚିତ କରିବା ଦିଗରେ ହାଇକୋର୍ଟ ପଦକ୍ଷେପ ନେଇଛନ୍ତି ।



ଯଦି କୌଣସି ମହିଳା ନିର୍ଦ୍ଦିଷ୍ଟ ସମୟ ଧରି ଜଣେ ପୁରୁଷଙ୍କ ସହ ଲିଭ ଇନରେ ରହୁଛନ୍ତି, ତା'ହେଲେ ଅଲଗା ହେବା ପରେ ବି ମହିଳା ଜଣଙ୍କ ଭରଣପୋଷଣ ଖର୍ଚ୍ଚ ପାଇବାକୁ ହକଦାର । ସେମାନେ ଆଇନଗତ ଭାବେ ବିବାହ କରି ନଥିଲେ ମଧ୍ୟ ମହିଳାଙ୍କୁ କ୍ଷତିପୂରଣ ମିଳିପାରିବ ବୋଲି କୋର୍ଟ କହିଛନ୍ତି ।

ଟ୍ରାଏଲ କୋର୍ଟ ପ୍ରଥମେ ଜଣେ ବ୍ୟକ୍ତିଙ୍କ ବିରୋଧରେ ରାୟ ଦେଇଥିଲେ । ବ୍ୟକ୍ତି ଜଣଙ୍କ ଜଣେ ମହିଳାଙ୍କ ସହ ଲିଭ ଇନରେ ରହୁଥିଲେ । ଏହା ପରେ ଉଭୟ ଅଲଗା ହୋଇ ଯାଇଥିଲେ । କ୍ଷତିପୂରଣ ବା ମାସିକ ଭରଣପୋଷଣ ପାଇଁ ମହିଳା ଜଣଙ୍କ କୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ । ଟ୍ରାଏଲ କୋର୍ଟ ମହିଳାଙ୍କ ଆବେଦନକୁ ଗ୍ରହଣ କରି ବ୍ୟକ୍ତିଙ୍କୁ ମାସିକ ୧୫ଶହ ଟଙ୍କା ଲେଖାଏ ଭରଣପୋଷଣ ପାଇଁ ଦେବାକୁ କହିଥିଲେ । ଏହାକୁ ବ୍ୟକ୍ତି ଜଣଙ୍କ ହାଇକୋର୍ଟରେ ଚ୍ୟାଲେଞ୍ଜ କରିଥିଲେ । କିନ୍ତୁ ହାଇକୋର୍ଟ ଟ୍ରାଏଲ କୋର୍ଟଙ୍କ ରାୟରେ କୌଣସି ପ୍ରକାରରେ ପରିବର୍ତ୍ତନ କରିନାହାନ୍ତି । ଯଦି ଜଣେ ବ୍ୟକ୍ତି ଓ ମହିଳା ବାହା ନ ହୋଇ ବି ଏକାଠି ରହୁଥିବା ପ୍ରମାଣ ମିଳୁଛି, ତା'ହେଲେ ମହିଳାଙ୍କୁ ଅଲଗା ହେବା ପରେ କ୍ଷତିପୂରଣ ଦେବାକୁ କେବେ ହେଲେ ମନା କରାଯାଇ ପାରିବ ନାହିଁ ।

ଟ୍ରାଏଲ କୋର୍ଟ ଶୁଣାଣି ବେଳେ ହୃଦୟଙ୍ଗମ କରିଥିଲେ ଯେ ମହିଳା ଓ ବ୍ୟକ୍ତି ଜଣଙ୍କ ସ୍ୱାମୀ-ସ୍ତ୍ରୀ ଭାବେ ରହୁଥିଲେ । ଅତିରିକ୍ତ ଭାବେ ସେମାନଙ୍କର ଗୋଟିଏ ଛୁଆ ମଧ୍ୟ ହୋଇଛନ୍ତି । ତେଣୁ ମହିଳା ଜଣଙ୍କ ଭରଣପୋଷଣ ପାଇବାକୁ ହକଦାର ବୋଲି ହାଇକୋର୍ଟ କହିଛନ୍ତି ।

ଭାରତରେ ଦିନକୁ ଦିନ ଲିଭ ଇନ ସମ୍ପର୍କ ଘଟଣା ବଢ଼ିବାରେ ଲାଗିଛି । ଲିଭ ଇନରେ ରହୁଥିବା ପୁଅ-ଝିଅ ପରବର୍ତ୍ତୀ ଅବସ୍ଥାରେ ଅଲଗା ହୋଇ ଯାଉଛନ୍ତି । କିନ୍ତୁ ଅଲଗା ହେଉଥିବା ଝିଅମାନଙ୍କୁ କୌଣସି ପ୍ରକାରର ଆଇନଗତ ସୁରକ୍ଷା ମିଳୁ ନାହିଁ । ତେଣୁ ଏପରି ଏକ ରାୟ ନିଶ୍ଚିତ ଭାବେ ଏକା ହୋଇଯାଉଥିବା ଝିଅ ଓ ମହିଳାମାନଙ୍କ ସୁରକ୍ଷାକୁ ନିଶ୍ଚିତ କରିବ ବୋଲି କୁହାଯାଉଛି ।

## TARIFF

| | | |
|---|---|---|
| Full Page | Colour | -15000 |
| Full Page | B/W | - 10000 |
| Half Page | Colour | -10000 |
| Half Page | B/W | - 6000 |
| Quarter Page | Colour | - 5000 |
| Quarter Page | B/W | - 3000 |

## CONTACT

6371417361 voiceofvictimsnews@gmail.com
www.voiceofvictims.co.in
Follow/Like/Subscribe :
Voice Of Victims News

Printed by Gyana Ranjan Mishra and published by Gyana Ranjan Mishra on behalf of Voice Of Victims Trust and Printed at M/S Bhagawati Electronic Process,D-3, Mancheswar Industrial Estate, Bhubaneswar,Khurda, Odisha, Pin- 751010 and Published at EB-24, Stage-V, Laxmisagar Brit colony, Bhubaneswar, Khurda, Odisha, Pin-751006
**Editor: Gyana Ranjan Mishra** ସମ୍ପାଦକ: ଜ୍ଞାନ ରଞ୍ଜନ ମିଶ୍ର